## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲା ବର୍ଷିଆନ କ୍ରୀଡା ସଂଘର ବାର୍ଷିକ କ୍ରୀଡା ପ୍ରତିଯୋଗିତା, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।

# ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଟଣାଓଟରା

**ରେଢ଼ାଖୋଲ ନିର୍ବାଚନମଣ୍ଡଳୀ**

■ ରୋହିତଙ୍କ ନେତୃତ୍ୱ ନା ଧର୍ମଗୁଳା ଭରସା ତାହାକୁ ନେଇ ଚର୍ଚ୍ଚା

ସମ୍ବଲପୁର,୧୯।୨(ବ୍ୟୁରୋ)

ସମ୍ବଲପୁର ଜିଲା ରେଢାଖୋଲ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୪ ବ୍ଲକ ମାନେଶ୍ୱର, ନାକଟିଦେଉଳ, ରେଢାଖୋଲ ଓ ଯୁଯୁମୁରାରେ ଭୋଟ ଗ୍ରହଣ ଶେଷ ହୋଇଛି। ମୋଟ ୭ ଗୋଟି ଜୋନରୁ ଜିଲା ପରିଷଦ ସଭ୍ୟ ପଦ କେଉଁ ଦଳ ହାତକୁ ଯିବ ସେ ନେଇ ଦଳୀୟ ନେତୃବୃନ୍ଦ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। କିନ୍ତୁ ଏହାଠାରୁ ଅଧିକ ଚର୍ଚ୍ଚା ଏବେ ବ୍ଲକ ଅଧ୍ୟକ୍ଷ ପଦକୁ ନେଇ। ସମିତି ପ୍ରାର୍ଥୀମାନଙ୍କ ମଧ୍ୟରୁ କିଏ ବିଜୟୀ ହେବ ତାହା ଜଣାପଡି ନାହିଁ। ହେଲେ ନେତାମାନେ ସମିତି ସଭ୍ୟାସଭ୍ୟଙ୍କୁ ନେଇ ଅଧ୍ୟକ୍ଷ ପଦ ପାଇଁ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି, ଭାଜପା ଦୌଡରେ ଥିବାବେଳେ କଂଗ୍ରେସ ଦଳ ମଧ୍ୟ ପ୍ରୟାସ ଜାରି ରଖିଛି। ହେଲେ ଗତ ନିର୍ବାଚନ ଭଳି ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରୋହିତ ପୂଜାରୀଙ୍କୁ ଧର୍ମଗୋଳା ଭରସା ହେବ ନା ତାଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷ ଗଠନ ହେବ ସେ ନେଇ ଆଲୋଚନା ଜୋର ଧରିଛି।

କହିବାକୁ ଗଲେ ଯୁଯୁମୁରା, ନାକଟିଦେଉଳ, ମାନେଶ୍ୱର ବ୍ଲକରେ ବିଜେଡି ଫାଳ ଫାଳ ହୋଇଯାଇଛି। ରେଢାଖୋଲ ବ୍ଲକରେ ମଧ୍ୟ ଅସନ୍ତୋଷ ଲାଗି ରହିଛି। ତେଣୁ ଅଧ୍ୟକ୍ଷ ପଦ ପାଇଁ ବିଜେଡିକୁ ପୁଣି ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବାକୁ ପଡିପାରେ ବୋଲି ଆଲୋଚନା ହେଉଛି। ନାକଟିଦେଉଳ ବ୍ଲକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେଡିର ଟାଣୁଆ ନେତା ସୁଦର୍ଶନ ସାହୁ (ସୁଦେଇ) ଅଧ୍ୟକ୍ଷ ପଦ ପାଇଁ ଆଶାୟୀ ଅଛନ୍ତି। ତେଣୁ ନିଜେ ଓ ପରିବାରର ୨ ଜଣଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଗତ ନିର୍ବାଚନରେ ସୁଦର୍ଶନ ଧର୍ମଗୋଳାରେ ହାରିଯାଇଥିଲେ। ମନ୍ଦାକିନି ରାଉଳ ବ୍ଲକ ଅଧ୍ୟକ୍ଷା ହୋଇଥିଲେ। କୁହାଯାଏ ମନ୍ଦାକିନିଙ୍କୁ ବିଧାୟକ ରୋହିତଙ୍କ ପୂର୍ଣ୍ଣ ସମର୍ଥନ ରହିଥିଲା। ହେଲେ ଚଳିତ ନିର୍ବାଚନରେ ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥ ସୁଦର୍ଶନଙ୍କୁ ସମର୍ଥନ କରି ଭୋଟ ପ୍ରଚାର କରିଥିଲେ। ଅନ୍ୟପଟେ ନୂତନ ଭାବେ ଯୋଗଦେଇଥିବା ବରୁଣ ଦେହୁରି ମଧ୍ୟ ଉପର ମହଲାର ନିର୍ଦ୍ଦେଶ କ୍ରମେ ନାକଟିଦେଉଳରେ ଉଭୟ ଗୋଷ୍ଠୀରେ ଥିବା ଫାଟକୁ ଯୋଡିବାକୁ ଚେଷ୍ଟା କରିଥିଲେ। ସେହିପରି ଯୁଯୁମୁରା ବ୍ଲକରେ ମଧ୍ୟ ଗତ ନିର୍ବାଚନରେ ଧର୍ମଗୋଳାରେ ବିଜେଡି ଅଧ୍ୟକ୍ଷ ପଦ ହାସଲ କରିଥିଲା। ଏହି ବ୍ଲକରେ ୫ ବର୍ଷ ଭିତରେ ସେଭଳି ବିଜେଡି ନେତୃତ୍ୱ ନେଇପାରି ନ ଥିଲେ। କେତେଜଣ ଠିକାଦାର ଓ ପୁରୁଣା ନେତା ଦଳକୁ ପରିଚାଳନା କରୁଥିଲେ। କିନ୍ତୁ ଏବେ ମଧ୍ୟ ବିଜେଡିର ଅଧ୍ୟକ୍ଷ ପଦକୁ ନେଇ ଟଣାଓଟରା ଲାଗି ରହିଛି। ନେତୃତ୍ୱ ଅଭାବରୁ ଏଭଳି ହେଉଥିବା ଆଲୋଚନା ହେଉଛି। ଯୁଯୁମୁରା ବ୍ଲକରେ ଭାଜପା ଓ କଂଗ୍ରେସ ମଧ୍ୟ ବ୍ଲକ ଅଧ୍ୟକ୍ଷ ପଦ ହାତେଇବା ପାଇଁ କେତେଜଣ ସମିତି ସଭ୍ୟାସଭ୍ୟଙ୍କୁ ଗୋପନରେ ରଖିଛନ୍ତି। ସେହିପରି ମାନେଶ୍ୱର ବ୍ଲକରେ ଧର୍ମଗୋଳା ହୋଇଥିବାବେଳେ ଏହା ଭାଜପା ହାତକୁ ଚାଲିଯାଇଥିଲା। ଏହି ବ୍ଲକରେ ମଧ୍ୟ ବିଜେଡିର ନେତୃତ୍ୱ ଅଭାବ ରହିଛି। ଭାଜପା ପୁରା ଦମ ଲଗାଇ ଦେଇଛି। ବିଧାୟକ ଜୟନାରାୟଣ ମିଶ୍ର ଓ ତାଙ୍କ ଅନୁଗତମାନେ ସମିତି ସଭ୍ୟାସଭ୍ୟଙ୍କୁ ନଜର ବନ୍ଦ କରି ରଖିଛନ୍ତି। କେବଳ ରେଢାଖୋଲ ବ୍ଲକରେ ବିଜେଡି ସମର୍ଥନରେ ଅଧ୍ୟକ୍ଷ ପଦ ହାତେଇଥିଲା। ହେଲେ ଏହି ବ୍ଲକରେ ଚଳିତ ନିର୍ବାଚନରେ ବିଜେଡି ୩ ଫାଳ ହୋଇଯାଇଛି। ୩ଜଣ ଟାଣୁଆ ନେତା ଅଧ୍ୟକ୍ଷା ପଦ ପାଇଁ ନିଜ ପରିବାର ସଦସ୍ୟଙ୍କୁ ସମିତି ସଭ୍ୟା ଭାବେ ନିର୍ବାଚନ ମଇଦାନରେ ଛିଡା କରିଛନ୍ତି। ଯଦି ସେମାନେ ବିଜୟୀ ହେଲେ ତା'ହେଲେ ରୋହିତଙ୍କ ପାଇଁ ଆହୁରି ଅଡୁଆ ବଢିଯିବ। ଗତ ନିର୍ବାଚନରେ ମୋଟ ୪ ବ୍ଲକରୁ ୩ଟିରେ ଧର୍ମଗୋଳାରେ ବିଧାୟକ ରୋହିତଙ୍କ ଭାଗ୍ୟ ପରୀକ୍ଷା ହୋଇଥିଲା। ଏବେ ଧର୍ମଗୋଳା ଭରସା ନା ରୋହିତ ଦଳରେ ଥିବା ଫାଟକୁ ଯୋଡି ନେତୃତ୍ୱ ନେଇ ପୂର୍ଣ୍ଣ ସମର୍ଥନରେ ବ୍ଲକ ଅଧ୍ୟକ୍ଷା ପଦ ହାତେଇବେ ସେ ନେଇ ଆଲୋଚନା ଚାଲିଛି। ଏ ସମ୍ପର୍କରେ ବିଧାୟକ ପୂଜାରୀ କହିଛନ୍ତି, ବିଜେଡି ପୂର୍ଣ୍ଣ ସମର୍ଥନରେ ସମସ୍ତ ୪ ବ୍ଲକରେ ଅଧ୍ୟକ୍ଷ ପଦ ହାସଲ କରିବ। ଫଳାଫଳ ପ୍ରକାଶ ପାଇବା ପରେ ଏକାଠି ହୋଇ ଦଳୀୟ ହିତକୁ ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

## ଅଲ ଓଡ଼ିଶା କ୍ରିକେଟ: ଆର୍‌ୱାଇସିସି ବିଜୟୀ

ରାଉରକେଲା ଅଫିସ,୧୯।୨

ରାଉରକେଲା ଡିଏଭି ଖେଳ ପଡିଆରେ ୧୫ତମ ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୭ମ ଦିନରେ ଆରୱାଇସିସି ଓ ଆରପିସିସି ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଆରୱାଇସିସି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ ଆରପିସିସି ଦଳ ୧୮୦ ରନ୍ କରି ପରାଜିତ ହୋଇଥିଲା। ଆରୱାଇସିସି ଦଳର ଅମିତ ଦାସଙ୍କୁ ମ୍ୟାନ୍ ଅଫ ଦ୍ ମ୍ୟାଚ୍ ଘୋଷଣା କରାଯାଇଥିଲା। ପ୍ରଦୀପ ସ୍ୱାଇଁ ଓ ବିଶ୍ୱଜିତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଆରୱାଇସିସି 'ବି' ଓ ଜେଡିସିସି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।

## ମୋବାଇଲ ଲୁଟ୍, ୨ ଗିରଫ

**ରାଉରକେଲା ଅଫିସ,୧୯।୨:** ମୋବାଇଲ ଲୁଟ୍ ଅଭିଯୋଗରେ ରଘୁନାଥପାଲ୍ଲୀ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିରଜାପାଲି ଅଞ୍ଚଳର ମନୁ କୁକ(୨୨) ଓ ସୁବ୍ରତ କୁକ(୨୦)। ପାନପୋଷ ଅଞ୍ଚଳର ମାନିଆ ବାରିକ ଗତ ୧୭ ତାରିଖ ରାତି ସାଢ଼େ ୯ଟାରେ ସିଭିଲଟାଉନଶିପ୍ ଅଞ୍ଚଳରୁ ଘରକୁ ଫେରୁଥିବା ବେଳେ ସୁବ୍ରତ ଓ ମନୁ ତାଙ୍କୁ ରାଉରକେଲା ସ୍ୱୟଂ ଶାସିତ ମହାବିଦ୍ୟାଳୟ କଲେଜ ରୋଡ଼ ନିକଟରେ ଛୁରି ଦେଖାଇ ଟଙ୍କା ମାଗିଥିଲେ। ମାନିଆ ଟଙ୍କା ନ ଦେବାରୁ ଅଭିଯୁକ୍ତ ଦ୍ୱୟ ତାଙ୍କ ଫୋନକୁ ଛଡାଇ ନେଇଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୫୪।୨୨) ରୁଜୁ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ହାଟପଡ଼ାରେ ଶିବାଜୀ ଜୟନ୍ତୀ

ସମ୍ବଲପୁର,୧୯।୨(ବ୍ୟୁରୋ): ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଶନିବାର ସମ୍ବଲପୁର ହାଟପଡାଠାରେ ପାଳିତ ହୋଇଯାଇଛି। ବୀର ବଜରଙ୍ଗ ସଂଘ ଓ ମରାଠୀ ସମାଜ ମିଳିତ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିଲା। ଶିବାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା ଓ ଆଳତି କରାଯାଇଥିଲା। ସୁରେଶ ଗାଇକୋଡ, ପ୍ରଶାନ୍ତ ସେଠ, ନିତିନ ପାଟିଲ, ବିଶ୍ୱଜିତ ଦେହେରୀ, ଦିପକ ଭଗତ, ବବୁଲୁ ସେନାପତି, ଉଦୟ ଜଗତ, ସୋମନାଥ ସେଠ, ସୁଶାନ୍ତ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଆର୍‌ପିଏଫ୍‌ରେ ଯୋଗ ଶିବିର

**ସମ୍ବଲପୁର,୧୯।୨(ବ୍ୟୁରୋ):** ଧନକଉଡା ବ୍ଲକ ଗୋଶଳାସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପସ୍‌ରେ ପାଞ୍ଚଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ୍ ଡିଜି ଲାଲଚାନ୍ଦ ଯାଦବ ଓ ସିଆର୍‌ପିଏଫ୍ ପରିବାର କଲ୍ୟାଣ ସଙ୍ଗଠନ ଅଧ୍ୟକ୍ଷା ଅଞ୍ଜନା ଯାଦବ ଶିବିରକୁ ଆରମ୍ଭ କରିଥିଲେ। ପତଞ୍ଜଳି ଯୋଗ ସମିତିର ପ୍ରଶିକ୍ଷିକା ଜେ ଗିରିଜା ଦେବୀ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ସାମୂହିକ ସୂର୍ଯ୍ୟ ନମସ୍କାର ସହିତ ପ୍ରାଣାୟମ, ଆସନ ପ୍ରଭୃତି ପ୍ରଶିକ୍ଷଣ ଦିଆଯାଇଥିଲା। ସୁଶାନ୍ତ ସାହୁ ଓ ପୁଷ୍ପା ନାୟକ ସହଯୋଗ କରିଥିଲେ।

## ଅବକାରୀ ଚଢ଼ାଉ: ମଦ ଜବତ

**ରାଜଗାଙ୍ଗପୁର,୧୯।୨(ଡି.ଏନ.ଏ.):** ରାଜଗାଙ୍ଗପୁରରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣରେ ମଦ ଜବତ କରାଯାଇଛି। ସୁନ୍ଦରଗଡ଼ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ, ରାଜଗାଙ୍ଗପୁର ଅବକାରୀ ବିଭାଗର ଅଧିକାରୀ ସୁରେଶ ଚନ୍ଦ୍ର ଭୋଇ, ସୁନ୍ଦରଗଡ଼ ସଦର ରେଞ୍ଜର ହୀରା ଦଳପତି, ରାଜଗାଙ୍ଗପୁର ଅବକାରୀ ବିଭାଗର ଚନ୍ଦ୍ରଶେଖର ଖଣ୍ଡା, ପ୍ରଦୀପ ସାହୁ, ସୁମନ୍ତ ନାଏକ, ଚନ୍ଦ୍ର କାନ୍ତ ବେହେରା, ଜ୍ୟୋତି କେରକେଟାଙ୍କ ସହ ଅନ୍ୟମାନେ ଚଢାଉ କରିଥିଲେ। ୧୪୧୭ ଲିଟର ଦେଶୀ ମହୁଲି ମଦ, ୪୦୯୦୦ ଲିଟର ମହୁଲି ପୋଚ, ୬୦ ଲିଟର ଭାଟି ମଦ ଜବତ କରିବା ସହିତ ୪୦ଟି ମାମଲା ରୁଜୁ କରାଯାଇଛି। ବିଭିନ୍ନ ମାମଲାରେ ସଂଶ୍ଳିଷ୍ଟ ୨୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବିଜେଡିର ମାରାଥନ ପ୍ରଚାର

ସମ୍ବଲପୁର,୧୯।୨(ବ୍ୟୁରୋ)

ରେଙ୍ଗାଲି ନିବାଚନ ମଣ୍ଡଳୀ ଧନକଉଡା ଜୋନ-୨ରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ସପକ୍ଷରେ ବିଜେଡି ମାରାଥନ ପ୍ରଚାର କରିଛି। ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଦିଲୀପ ଦୁରିଆ, ଜିଲା ବିଜେଡି ଉପସଭାପତି କୁମାରଚାନ୍ଦ ରାଉତ, ଜିଲା ବିଜେଡି ସାଧାରଣ ସମ୍ପାଦକ କାହ୍ନୁଚରଣ ମିଶ୍ର, ଜିଲା ଲିଗାଲ ସେଲ ଅଧ୍ୟକ୍ଷ ବସନ୍ତ ମିଶ୍ର, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ସମ୍ବଲପୁର ଜୋନ ଯୁବ ସଭାପତି ଦେବାଶିଷ ପରିଡା ପ୍ରମୁଖ ଏଥିରେ ସାମିଲ ଥିଲେ। ନେତୃବୃନ୍ଦ ଚାରପାଲି, କୁଦଗୁଣ୍ଡରପୁର, ଚିପିଲିମା, କରଡୋଲାଠାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ବିଷୟରେ ଅବତାରଣା କରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ନିବେଦନ କରିଥିଲେ। ଏହି ଜୋନରେ ଚତୁର୍ଥ ପର୍ଯ୍ୟାୟ ଆସନ୍ତା ୨୨ରେ ନିର୍ବାଚନ ହେବ।

# ଓଏଏସ୍ ସଂଘର ଆର୍‌ଡିସିଙ୍କୁ ସ୍ମାରକପତ୍ର

**ତହସିଲଦାରଙ୍କୁ ହତ୍ୟା ଧମକ ଘଟଣା**

ସମ୍ବଲପୁର,୧୯।୨(ବ୍ୟୁରୋ)

ସମ୍ବଲପୁର ସଦର ତହସିଲଦାର ଲକ୍ଷ୍ମଣ ଅମାତଙ୍କୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ତାଙ୍କ ସମର୍ଥକ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହି ଘଟଣାକୁ ଓଏଏସ୍ ସଂଘ ସମ୍ବଲପୁର ଶାଖା ଦୃଢ଼ ନିନ୍ଦା କରିଛି। ଏହାସହ ବିଧାୟକ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶନିବାର ସଂଘ ପକ୍ଷରୁ ଉତ୍ତରାଞ୍ଚଳ ଆର୍‌ଡିସିଙ୍କୁ ସ୍ମାରକପତ୍ର ଦିଆଯାଇଛି। ସୂଚନା ଅନୁସାରେ ମହାନଗର ନିଗମ ଦୁର୍ଗାପାଲିସ୍ଥିତ କୁସୁମପଡାଠାରେ ଦୁଇଟି ବେଆଇନ ଘର ଉଚ୍ଛେଦ ପାଇଁ ସଦର ତହସିଲଦାର ଓ ଅନ୍ୟ କର୍ମଚାରୀ ଯାଇଥିଲେ। ଏହି ସମୟରେ ବିଧାୟକ ମିଶ୍ର ଓ ତାଙ୍କ ସହଯୋଗୀ ସେଠାରେ ପହଞ୍ଚି ଉଚ୍ଛେଦକୁ ବିରୋଧ କରିବା ସହ ତହସିଲଦାରଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଭିନସେଣ୍ଟ ପୁନମକାନ୍ତ ଏକ୍କା, ଲକ୍ଷ୍ମଣ ଅମାତ, ତ୍ରିଦେବ କୁମାର ପ୍ରଧାନ, ଜୟଶ୍ରୀ ପାଢ଼ୀ, ସୁପ୍ରଭା ଦାସ, ଅଞ୍ଜୋଲିନା ପ୍ରଧାନ ପ୍ରମୁଖ ଓଡିଶା ପ୍ରଶାସନିକ ସେବାର ଅଧିକାରୀ ଉପସ୍ଥିତ ଥିଲେ।


ଓଏଏସ୍ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଉନ୍ନୟନ କାମ ସମୀକ୍ଷା କଲେ ଆର୍‌ଡିସି

ସମ୍ବଲପୁର,୧୯।୨(ବ୍ୟୁରୋ)

ଉତ୍ତରାଞ୍ଚଳ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳେଇ ଶନିବାର ସମ୍ବଲପୁର ସହରାଞ୍ଚଳର ବିଭିନ୍ନ ସ୍କୁଲ ବୁଲି ଭିତ୍ତିଭୂମି ସହ ଅନ୍ୟାନ୍ୟ କାମ ଦେଖିଛନ୍ତି। ପାନୀୟ ଜଳ, ଟଏଲେଟ, କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ଅନୁଷଙ୍ଗିକ ବ୍ୟବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ସିଏସ୍ କଲୋନୀ ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ ଧନୁପାଲି, ଭିଏସ୍‌ଏସ୍ ୟୁଜିୟୁପି ସ୍କୁଲ, ଶ୍ରୀ ଗଣେଶ ବାଳିକା ଉଚ୍ଚ ବିଦ୍ୟାଳୟ ଧନୁପାଲି, ଧନକଉଡା ଏମ୍‌ଇ ସ୍କୁଲ, ଆଶାପାଲି ନୋଡାଲ ୟୁପି ସ୍କୁଲ, ଧନକଉଡା ହାଇସ୍କୁଲ, ଗୁପ୍ତସିଲ ୟୁପି ସ୍କୁଲ, ଏମ୍‌ଜି ଟାଇମ ହାଇସ୍କୁଲ, ହିନ୍ଦୀ ହାଇସ୍କୁଲ ପରିଦର୍ଶନ କରିଥିଲେ। ଆର୍‌ଡିସିଙ୍କ ସହ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଉପସ୍ଥିତ ଥିଲେ। ସେହିପରି ମହାନଗର ନିଗମ ଅଧୀନରେ ପୂର୍ତ୍ତବିଭାଗ, ଏସ୍‌ଡିଏ ପକ୍ଷରୁ ଚାଲିଥିବା ବିଭିନ୍ନ ରାସ୍ତା, ବ୍ରିଜ, କମ୍ୟୁନିଟି ହଲ, ନେଲସନ ମଣ୍ଡେଲା ଛକଠାରୁ ଧୂତୁରପଡା ଛକ ଫ୍ଲାଏଓଭର, କ୍ଷେତରାଜପୁର ରେଳ ଓଭରବ୍ରିଜ, ରେଳ ବ୍ରିଜରୁ ପଞ୍ଚଗୋଚିଆ ଛକ ରାସ୍ତାର ପ୍ରଶସ୍ତୀକରଣ, ମୁଦିପଡାରୁ ଚର୍ଚ୍ଚ ଛକ ରାସ୍ତା ଇତ୍ୟାଦି ବୁଲି ସମୀକ୍ଷା କରିଥିଲେ। ତାଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଏକ ସ୍କୁଲ ପରିଦର୍ଶନ କରୁଛନ୍ତି ଆର୍‌ଡିସି।

## ମାର୍ଚ୍ଚ ୧୩ରେ ବଡ଼ଦେଓ ଲୋକ ମହୋତ୍ସବ

ଝାରସୁଗୁଡ଼ା ଅଫିସ,୧୯।୨

ଲଇକେରା ବ୍ଲକ କୁକେରମାସ୍ଥିତ ପୀଠରେ ବଡ଼ଦେଓ ସେବା ଟ୍ରଷ୍ଟର ସଭାପତି ରଘୁନାଥ ନାଏକଙ୍କ ଅଧ୍ୟକ୍ଷତାରେ ଶନିବାର ବଡ଼ଦେଓ ଲୋକ ମହୋତ୍ସବ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଫାଲଗୁନ ଶୁକ୍ଳପକ୍ଷ ଦଶମୀ ତିଥି ତଥା ମାର୍ଚ୍ଚ ୧୩ରେ ମହୋତ୍ସବ ପାଳନ କରିବା ପାଇଁ ସ୍ଥିର ହୋଇଛି। ମାର୍ଚ୍ଚ ୧୨ରେ ଜଙ୍ଘା ବଡ଼ଦେଓଙ୍କ ଆଗମନ କଳସ ଯାତ୍ରା ଓ ପରଦିନ ବଡ଼ଦେଓଙ୍କର ଗ୍ରାମ ପରିକ୍ରମା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ଛତିଶଗଡ଼ ଓ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସଭାରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲା ମହାସଚିବ ଶ୍ୟାମଲାଲ ନାଏକ, ସାସ୍‌ର ସଭାପତି ମାଧବ ସିଂହ ନାଏକ, ସାସ୍ କୋଷାଧ୍ୟକ୍ଷ ଗଙ୍ଗାଧର ଭୋଇ, ଟ୍ରଷ୍ଟ ମହାସଚିବ ପବିତ୍ର ନାଏକଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇଥିଲେ।

## କୁଚିଣ୍ଡାରେ ରବି ଦାସ ଜୟନ୍ତୀ

କୁଚିଣ୍ଡା,୧୯।୨(ଡି.ଏନ.ଏ.)

କୁଚିଣ୍ଡା ଆଦିବାସୀ ଭବନଠାରେ ଗୁରୁବାର ଲିପି ପାତ୍ରଙ୍କ ସଭାପତିତ୍ୱରେ ସନ୍ଥ ରବି ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ରବି ଦାସ ସମାଜର ସହ ସମ୍ପାଦକ ସରୋଜ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତି ଭେଦ ଦୂରୀକରଣ ପାଇଁ ସନ୍ଥଜୀଙ୍କ ଉଦ୍ୟମକୁ ପ୍ରଶଂସା କରି ତାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଯମୁନା ପୋଢ ଅତିଥି ପରିଚୟ ଓ ସୁପ୍ରଭା ବାଗ ଜୟନ୍ତୀ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ରଶ୍ମିକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବର୍ଷା ରାଣୀ ବାରିକ, ଲକ୍ଷ୍ମୀ କିଶାନ, ସୁମତି ଟପୋ ପ୍ରମୁଖ ସହଯୋଗ କରିଥିଲେ।

# ଅନ୍‌ଲାଇନ ପରୀକ୍ଷା ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଝାରସୁଗୁଡ଼ା ଅଫିସ,୧୯।୨

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ୫ମ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନରେ କରିବା ଦାବିରେ ଛାତ୍ର କଂଗ୍ରେସ(ଏନ୍‌ଏସ୍‌ୟୁଆଇ) ଜିଲା ସଭାପତି ନବନିତ କୌରଙ୍କ ନେତୃତ୍ୱରେ ଶନିବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଛାତ୍ର କଂଗ୍ରେସ ଓ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଦର୍ଶାଇଥିଲେ, କୋଭିଡ୍ କଟକଣା ମଧ୍ୟରେ ଅନ୍‌ଲାଇନରେ ପାଠପଢା ହୋଇଥିଲା। ୬ମାସର ପାଠ୍ୟଖସଡାକୁ ୩ମାସ ମଧ୍ୟରେ ଶେଷ କରାଯାଇଛି। ଏହାକୁ ପିଲାମାନେ ଗ୍ରହଣ କରିପାରିନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ପାଠ୍ୟଖସଡା ହ୍ରାସ କରାଯାଉ ବୋଲି ଦାବି କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଜିଲା ଛାତ୍ର କଂଗ୍ରେସ ସଭାପତି କୌର, କଂଗ୍ରେସ ଜିଲା କମିଟି ସଭାପତି ଭରତ ଅଗସ୍ତୀ, ସାଧାରଣ ସମ୍ପାଦକ ମିନିଷ ବାଜପେୟୀ, ଯୁବକଂଗ୍ରେସ ଜିଲା ସଭାପତି ଶୈଳେଶ ତିୱାରୀ, ଟାଉନ୍ ସଭାପତି ସଞ୍ଜୟ ମହାପାତ୍ର, ମହମ୍ମଦ ରିଆଜ ପ୍ରମୁଖ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସର ବିକ୍ଷୋଭ।

# ଜିଲାପାଳଙ୍କୁ ଭାଜପାର ୪ଦଫା ସମ୍ବଳିତ ଦାବିପତ୍ର

ଝାରସୁଗୁଡ଼ା ଅଫିସ,୧୯।୨

ଫଳାଫଳ ଘୋଷଣା ପର୍ଯ୍ୟନ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ମୁକ୍ତ ଓ ନିରପେକ୍ଷ କରିବା ପାଇଁ ଜିଲା ଭାଜପା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ବୁଥ୍‌କୁ କେତେ ବାଲଟ୍ ପେପର ଆସିଥିଲା ଓ କେତେ ବ୍ୟବହାର କରାଯାଇଛି ସେ ନେଇ ପ୍ରତି ପ୍ରାର୍ଥୀଙ୍କୁ ୧୧ଫର୍ମରେ ସୂଚନା ପ୍ରଦାନ, ଭୋଟ୍‌ବାକ୍ସ ରଖାଯାଇଥିବା ବ୍ଲକ୍ କାର୍ଯ୍ୟାଳୟ ସିସିଟିଭି କ୍ୟାମେରା ସହିତ ପ୍ରାର୍ଥୀମାନଙ୍କୁ ଲିଙ୍କ୍ କରିବା, ଟଙ୍କା ବାଣ୍ଟୁଥିବାବେଳେ ସଭାପତି ସାହୁ ବିରୋଧ କରିବାରୁ ଅସାମାଜିକ ବ୍ୟକ୍ତିମାନେ ତାଙ୍କ ଗାଡି ଭଙ୍ଗାରୁଜା ସହ ଧମକଚମକ ଦେଇଥିଲେ। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷାପାଇଁ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# 'ଛାତ୍ରୀଛାତ୍ରଙ୍କୁ ସ୍ୱରୋଜଗାରକ୍ଷମ କୌଶଳ ତାଲିମ ଦିଅ'

ରାଉରକେଲା ଅଫିସ,୧୯।୨

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପରିସରରେ ଏକ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୋଗଦେଇ ଶିକ୍ଷା ସହିତ ବିଦ୍ୟାର୍ଥୀଙ୍କୁ ସ୍ୱରୋଜଗାରକ୍ଷମ ଦକ୍ଷତା କୌଶଳ ପ୍ରଦାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରାଉରକେଲା ଏକ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ ବିଦ୍ୟାର୍ଥୀଙ୍କ ପାଇଁ ଅନେକ ସୁଯୋଗ ରହିଛି। ତେଣୁ ବିଦ୍ୟାର୍ଥୀ ଓ ଏନ୍‌ଆଇଟିର ସମସ୍ତ କର୍ମଚାରୀଙ୍କ ସହ ସହରବାସୀଙ୍କ ସହଯୋଗ ରହିଲେ ପ୍ରତିଷ୍ଠାନର ଉନ୍ନତି ସୁନିଶ୍ଚିତ ବୋଲି ରାଓ ଆଶା ପ୍ରକାଶ କରିଥିଲେ। ବିଶେଷ କରି ଛାତ୍ରୀଛାତ୍ରଙ୍କୁ ସ୍ୱରୋଜଗାରକ୍ଷମ କୌଶଳ ଉପରେ ତାଲିମ ଦେବାକୁ ଆହ୍ୱାନ ସେ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ପ୍ରଫେସର ରୋହିତ ଢ଼ିମାନ, ରେଜିଷ୍ଟ୍ରାର ପ୍ରଫେସର ପି. କେ. ଦାସ, ଆର. କେ. ପଟେଲ, ଏନ୍‌ଆଇଟି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା, ନିହାର ରଞ୍ଜନ ମିଶ୍ର, ପ୍ରଦୀପ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

ନାକଟିଦେଉଳ,୧୯।୨(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ଯୋଗଦେଇଥିଲେ। ଶିଶୁ ମନ୍ଦିର ପରିଚାଳନା କମିଟି ଉପସଭାପତି ହରେକୃଷ୍ଣ ମେହେର ଓ ସଦସ୍ୟା ରୋଜାଲିନ ବିଶି ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉପସଭାପତି ମେହେର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରା ପ୍ରଥମ ପର୍ଯ୍ୟାୟରେ ଶିଶୁ ବିକାଶର ମାପଦଣ୍ଡ ଓ ମାତାପିତାଙ୍କ ଭୂମିକା ଏବଂ ଶୈକ୍ଷିକ ପ୍ରମୁଖ ମନସ୍ୱିନୀ ସାହୁ ଶିଶୁମାନଙ୍କର ସଂସ୍କାର ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ସାହୁ ସଭା ପରିଚାଳନା ସହ ଶିଶୁର ପଞ୍ଚକୋଷ ଉପରେ ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟା ମଧୁସ୍ମିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ଗୀତାଞ୍ଜଳି ଦାଶ ବୋଧକଥା କହିଥିଲେ। ଶେଷରେ ମମତା ଦେହୁରି ଧନ୍ୟବାଦ ଦେଇଥିଲେ।

# ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତା ପାଇଁ ରାଉରକେଲା ସ୍ମାର୍ଟ ସିଟି ସମ୍ବର୍ଦ୍ଧିତ

ରାଉରକେଲା ଅଫିସ,୧୯।୨

ଭାରତ ସରକାରଙ୍କ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡକୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୧୬ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶକ୍ତି, ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରୀ ରାଜକୁମାର ସିଂ, କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ଏବଂ ସାର ଓ ରସାୟନ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଭଗବନ୍ତ ଖୁବାଙ୍କଠାରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ରାଉରକେଲା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର ଏହି ସମ୍ବର୍ଦ୍ଧନା ଗ୍ରହଣ କରିଛନ୍ତି। ସୌରଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେଇ ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତା ପ୍ରତିପାଦନ କରିଥିବାରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌କୁ ଏହି ସଫଳତା ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟର ସଚିବ ଇନ୍ଦୁ ଶେଖର ଚତୁର୍ବେଦୀ, କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ସଚିବ ଆଲୋକ କୁମାର, କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦିନେଶ ଡି. ଜଗଦଲେ ଏବଂ ଶକ୍ତି, ପରିବେଶ ଓ ଜଳ ପରିଷଦର ପ୍ରତିଷ୍ଠାତା ସିଇଓ ଡକ୍ଟର ଅରୁଣାଭ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଶକ୍ତି କ୍ଷେତ୍ର ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ଦେଶର ବିଭିନ୍ନ ସ୍ମାର୍ଟସିଟି ମିଳିତ ଜାତିସଂଘ ଏବଂ କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ନିକଟରେ ନିଜ ନିଜର ପ୍ରସ୍ତାବ ରଖିଥିଲେ। ଏଥିରେ ଅନ୍ତର୍ଭୁକ୍ତ ପ୍ରସ୍ତାବଗୁଡିକ ମଧ୍ୟରେ ଦେଶର ଅନ୍ୟ ୫ଟି ସ୍ମାର୍ଟସିଟି ସମେତ ରାଉରକେଲା ପ୍ରଶଂସିତ ହୋଇଛି। ୨୦୩୦ ସୁଦ୍ଧା ରାଉରକେଲା ସ୍ୱଚ୍ଛ ଶକ୍ତି ଉତ୍ସରୁ ୩୦ ପ୍ରତିଶତ ଶକ୍ତି ସଂଗ୍ରହ ଲକ୍ଷ୍ୟ ରଖି ମିଳିତ ଜାତିସଂଘ ନିକଟରେ ପ୍ରସ୍ତାବ ଦାଖଲ କରିଥିଲା। ଏହି ଲକ୍ଷ୍ୟ ହାସଲ ପାଇଁ ରାଉରକେଲା ସହରର ସୌରୀକରଣ ଉପରେ ଗୁରୁତ୍ୱ ଦିଆଯାଇଆସୁଛି। ସହରବାସୀ କିଭଳି ଅଧିକରୁ ଅଧିକ ସଂଖ୍ୟାରେ ଏହି ଅକ୍ଷୟ ଶକ୍ତିର ବ୍ୟବହାର କରିବେ, ସେଥିଲାଗି ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି ବୋଲି ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ କୁହାଯାଇଛି।


ରାଉରକେଲା ମହାନଗର ନିଗମ କମିଶନର ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି।

**ହାର୍‌ଜିତକୁ ନେଇ ଅଙ୍କକଷା**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶୁକ୍ରବାର ସରିଛି। ବ୍ଲକର ୩୩ ନଂ ଜୋନର ଭୋଟ ଗଣତି ଆସନ୍ତା ୨୬ ଓ ୩୪ନଂ ଜୋନର ଗଣତି ୨୭ ତାରିଖରେ ରହିଛି। ନିର୍ବାଚନ ସରିବା ପରେ ଏବେ ପ୍ରାର୍ଥୀମାନେ ତାଙ୍କ ସମର୍ଥକଙ୍କୁ ନେଇ ହାରଜିତକୁ ନେଇ ଅଙ୍କକଷା ଆରମ୍ଭ କରି ଦେଇଛନ୍ତି। ଅପରପକ୍ଷେ ଅଣସଂରକ୍ଷିତ ଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତେଇବା ପାଇଁ ଗୋଟିଚାଳନ ଆରମ୍ଭ ହୋଇଯାଇଛି। ଫଳାଫଳ ନ ବାହାରିବା ପୂର୍ବରୁ ଅଧ୍ୟକ୍ଷ ଆଶାୟୀମାନେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଏବଂ ଭଲ ପ୍ରଦର୍ଶନ ଆଶାଥିବା ପ୍ରାର୍ଥୀଙ୍କୁ ନିର୍ବାଚନ ରାତିରେ ନେଇ ଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ବିଜେଡି, ଭାଜପା, କଂଗ୍ରେସ ମଧ୍ୟରେ କଡ଼ା ଟକ୍କର

**ସୁନ୍ଦରଗଡ଼ ଜିଲାରେ ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ**

■ ୧୩୮୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨୦୧୬୦୭ ଭୋଟର

ସୁନ୍ଦରଗଡ଼/ଟେନ୍‌ସା, ୧୯।୨ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲାରେ ରବିବାର ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେଉଛି। ଜିଲାର ବାଲିଶଙ୍କରା, ରାଜଗାଙ୍ଗପୁର ଓ କୋଇଡା ବ୍ଲକର ୬ଟି ଜିଲା ପରିଷଦ ଜୋନ୍‌ରେ ମୋଟ ୨୬ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ସମେତ ୨୬୮ଜଣ ସରପଞ୍ଚ, ୨୧୬ଜଣ ସମିତି ସଭ୍ୟ ଏବଂ ୮୭୧ଜଣ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଏହି ୩ଟି ବ୍ଲକର ମୋଟ ୫୪ଟି ଗ୍ରାମପଞ୍ଚାୟତର ମୋଟ ୨୦୧୬୦୭ ଜଣ ଭୋଟରଙ୍କ ମତଦାନ ସକାଶେ ୭୦୪ଗୋଟି ବୁଥ୍ ରହିଛି। ସମସ୍ତ ବୁଥରେ ଶାନ୍ତିଶୃଙ୍ଖଳା ସହ ଭୋଟଗ୍ରହଣ ସକାଶେ ସମସ୍ତ ବ୍ୟବସ୍ଥା କରାଯାଇଛି। ବାଲିଶଙ୍କରା ବ୍ଲକର ୨ଟି ଜୋନ୍‌ରେ ୧୮୧ଟି ବୁଥ୍ ଉତ୍ତେଜନା ପ୍ରବଣ ଓ ୨୦ଟି ଅତି ଉତ୍ତେଜନା ପ୍ରବଣ ବୁଥ୍ ରହିଛି। ରାଜଗାଙ୍ଗପୁର ବ୍ଲକର ୨ଟି ଜୋନ୍‌ରେ ୮୪ଟି ଉତ୍ତେଜନାପ୍ରବଣ ବୁଥ୍ ରହିଛି। କୋଇଡା ବ୍ଲକର ୨ଟି ଜୋନ୍‌ରେ ୧୨୮ଟି ଉତ୍ତେଜନା ପ୍ରବଣ ଏବଂ ୪୯ଟି ବୁଥ ଅତି ଉତ୍ତେଜନା ପ୍ରବଣ ବୁଥ୍ ରହିଛି। ଏଥିପାଇଁ ସେଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ବାଲିଶଙ୍କରା (କ )ଜୋନ୍ ଜିଲାପରିଷଦ ଆସନରେ ଇଲିୟାସ ତିର୍କୀ –କଂଗ୍ରେସ, ଡିଲେଶ୍ୱର ନାୟକ– ଭାଜପା, ଦିଲୀପ କୁମାର ସଏ–ସ୍ୱାଧୀନ, ବିନୋଦ କୁମାର କୁଜୁର ବିଜେଡି, ବାଲିଶଙ୍କରା (ଖ) ଜୋନ୍‌ରେ ଜୟନ୍ତୀ ଟପ୍ପୋ ବିଜେଡି, ଯଶନ୍ତୀ ଏକ୍କା ଭାଜପା, ପିଙ୍କି କିଶାନ୍ ସ୍ୱାଧୀନ, ସୁନୀତା ମିଞ୍ଜ କଂଗ୍ରେସ ଦଳର ପ୍ରାର୍ଥୀ ରହିଛନ୍ତି। ରାଜଗାଙ୍ଗପୁର ବ୍ଲକ (କ )ଜିଲା ପରିଷଦ ଜୋନ୍‌ରେ ମଞ୍ଜୁ ଲାକ୍ରା ଭାଜପା, ସୁଶୀଲା ଟପ୍ପୋ ବିଜେଡି, ସବିତା ମିଞ୍ଜ କଂଗ୍ରେସ ଦଳର ପ୍ରାର୍ଥୀ ରହିଥିବା ବେଳେ (ଖ) ଜିଲା ପରିଷଦ ଜୋନ୍‌ରେ ଗାଙ୍ଗୀ କିଣ୍ଡୋ –ଭାଜପା, ଜ୍ୟୋତି କୁଜୁର ବିଜେଡି, ଶୀଲା ଏକ୍କା –କଂଗ୍ରେସ, ଲଳିତା ତିର୍କୀ ଜେଏମଏମ୍ ଦଳର ପ୍ରାର୍ଥୀନୀ ରହିଛନ୍ତି। କୋଇଡା ଜିଲା ପରିଷଦ ଜୋନ୍ (କ)ରେ କୁନି ମୁଣ୍ଡା–ଭାଜପା ତୁରୀ ମୁଣ୍ଡା କଂଗ୍ରେସ ,ପ୍ୟାରୀ ମୁଣ୍ଡା ଜେଏମଏମ୍, ରମାମଣି ମୁଣ୍ଡା –ବିଜେଡି, ସୁଶୀଳା ମୁଣ୍ଡା –ସିପିଏମ୍‌ର ପ୍ରାର୍ଥୀ ରହିଥିବା ବେଳେ କୋଇଡା (ଖ) ଜିଲା ପରିଷଦ ଆସନରେ ଅଶୋକ କୁମାର ନାଏକ ବିଜେଡି, କୁଳମଣି ପାତ୍ର ଭାଜପା, ଦିଲ୍ଲୀପ କୁମାର ଦାସ ସ୍ୱାଧୀନ, ବାଦଲ ବାରିକ ସିପିଆଇଏମ୍, ରାଜକିଶୋର ପାତ୍ର କଂଗ୍ରେସ, ସସ୍ମିତା ବାରିକ –ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତଳସରା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ବାଲିଶଙ୍କରା ୨ଟି ଜିଲା ପରିଷଦ ଜୋନ୍‌ରେ ଭାଜପା, ବିଜେଡି, କଂଗ୍ରେସ ମଧ୍ୟରେ ମୁକାବିଲା ହେଉଥିବା ବେଳେ ମିଶନାରୀ ଭୋଟ ଉପରେ ସମସ୍ତଙ୍କ ନଜର ରହିଛି। ଗତ ୨୦୧୭ ନିର୍ବାଚନରେ ଏହି ୨ଟି ଆସନ ଭାଜପା ହାତକୁ ଚାଲି ଯାଇଥିବା ବେଳେ ଏଥର ଏହି ୨ଟି ଆସନକୁ ହାତେଇବା ପାଇଁ ବିଜେଡି ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବେଳେ ଭାଜପା ପୂର୍ବସ୍ଥିତି ବଜାୟ ରଖିବା ପାଇଁ ମଧ୍ୟ ନିଜ ରଣକୌଶଳକୁ ବ୍ୟାପକ କରିଛି । ସେହିପରି କଂଗ୍ରେସ ମଧ୍ୟ ପାରମ୍ପାରିକ କଂଗ୍ରେସ ଭୋଟ ଓ ପ୍ରାର୍ଥୀଙ୍କ ଭାବମୂର୍ତ୍ତି ଓ ଲୋକସମ୍ପର୍କକୁ ନେଇ ବିଜୟର ଆଶା ରଖିଛି ।ହେଲେ ତଳସରା ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝୀ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ବେଳେ ବାଲିଶଙ୍କରା ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରଦ୍ଧାକର ସାନୁଏନ୍ ଭାଜପା ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ବିଜେଡି ନେତା ବିନୟ ଟପ୍ପୋଙ୍କ ୟୁଥ ଟିମ୍ ପୁରାଦମ୍‌ରେ ଏଠାରେ ଏଥର ନିର୍ବାଚନକୁ ଚ୍ୟାଲେଂଜ ଭାବେ ନେଇ ପ୍ରଚାରକୁ ଜୋରସୋର କରିଥିବାରୁ ପ୍ରାର୍ଥୀଙ୍କ ହାରଜିତ୍ ବ୍ୟବଧାନ କମ୍ ରହିପାରେ ବୋଲି କୁହାଯାଉଛି। ବରିଷ୍ଠ ବିଜେଡି ନେତା ମଙ୍ଗଳା କିଶାନଙ୍କ ଗଡ କୁହାଯାଉଥିବା ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ର ଗତ ବିଧାନସଭା ନିର୍ବାଚନରେ କଂଗ୍ରେସର ହାତକୁ ଚାଲିଯାଇଛି ଓ ରାଜେନ୍ ଏକ୍କା ଏଠାକାର ବିଧାୟକ ଅଛନ୍ତି। ଏହି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ରାଜଗାଙ୍ଗପୁର ବ୍ଲକର ୨ଟି ଜିଲାପରିଷଦ ଆସନରୁ କଂଗ୍ରେସ ,ବିଜେଡି ଓ ଭାଜପା ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ଥିବା ବେଳେ ଏଠାରେ ଆଦିବାସୀଙ୍କ ଜମିଅଧିଗ୍ରହଣକୁ ନେଇ ବିସ୍ଥାପିତଙ୍କ ପ୍ରସଙ୍ଗ ଏହି ନିର୍ବାଚନରେ ପ୍ରତିଫଳନ ହେବାର ଆଶଙ୍କା ଥିବାରୁ ଫଳାଫଳ ନେଇ ସନ୍ଦୀହାନ ସୃଷ୍ଟି ହୋଇଛି। ବଣାଇ ବିଧାନସଭା କ୍ଷେତ୍ର ଅନ୍ତର୍ଗତ କୋଇଡା ବ୍ଲକର ୨ଟି ଆସନକୁ ଦଖଲ କରିବା ପାଇଁ ବାମପନ୍ଥୀ ସିପିଆଇଏମ୍ ଦଳ ସହ ବିଜେଡି ଭାଜପା ଓ କଂଗ୍ରେସ ଆଶା ରଖିଛନ୍ତି। ବଣାଇଁ ବିଧାନସଭା ଆସନରେ ସିପିଆଇ ଏମ୍‌ର ଅମ୍ରିତା ଅଂଜଳି ସିଂ, ଲକ୍ଷ୍ମଣ ମୁଣ୍ଡା ଲଗାତାର ୨ଥର ଭାବେ ବିଧାୟକ ଭାବେ ନିର୍ବାଚିତ ହୋଇ ଥିବା ବେଳେ ଏଠାରେ ସିପିଆଇଏମ୍ ସଙ୍ଗଠନ ମଜବୁତ ରହିଛି। ଗତ ୨୦୧୭ ନିର୍ବାଚନରେ ଏହି ୨ଟି ଆସନ ମଧ୍ୟରୁ ଉଭୟ ସିପିଆଇଏମ୍ ଓ ବିଜେଡି ଗୋଟିଏ ଲେଖାଏଁ ଆସନ ଦଖଲ କରିଥିଲେ। ଜିଲାପାଳ ନିଖିଲ ପବନ କଲ୍ୟାଣ, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ନିର୍ବାଚନ ପର୍ଯ୍ୟବେକ୍ଷପ, ବରିଷ୍ଠ ପୋଲିସ ଅଧିକାରୀ କୋଇଡା ଗ୍ରସ୍ତ କରିସ୍ଥିତିଅନୁଧାନ କରିଛନ୍ତି।



କୋଇଡ଼ା ବ୍ଲକରେ ଜିଲାପାଳ ଓ ଅନ୍ୟମାନେ ସ୍ଥିତି ଅନୁଧାନ କରୁଛନ୍ତି।

# ଶିକ୍ଷକ ଗିରଫ, କୋର୍ଟ ଚାଲାଣ

**ପୋଲିସ ଦ୍ୱାରା କାର ସହ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ଘଟଣା**

ଦେବଗଡ଼,୧୯।୨(ଡି.ଏନ.ଏ)

ଶୁକ୍ରବାର ସନ୍ଧ୍ୟାରେ ଦେବଗଡ଼ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ବେଆଇନ ଟଙ୍କା ନେଉଥବା ଅଭିଯୋଗରେ ଅଟକ ରଖିଥିବା ସ୍କୁଲ ଶିକ୍ଷକ ସୁଭାଗ୍ୟ ପାତ୍ରଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଅନ୍ୟ ପକ୍ଷରେ କାର ଚାଳକ ପ୍ରଶାନ୍ତ ସାହୁଙ୍କୁ ଥାନାରୁ ଛାଡି ଦେଇଥିବା ଜଣାପଡିଛି।

ସୂଚନା ଯୋଗ୍ୟ ଯେ, ତିଲେଇବଣି ବ୍ଲକ ଅନ୍ତର୍ଗତ ଭୁତେଲ ୟୁପିସ୍କୁଲର ଶିକ୍ଷକତା କରୁଥିବା ଭୁକାବେଡା ଗ୍ରାମର ସୁଭାଗ୍ୟ ଚନ୍ଦ୍ର ପାତ୍ର ଭୋଟରମାନଙ୍କୁ ଟଙ୍କା ବାଣ୍ଟିବା ପାଇଁ ଏକ କାର ନଂ.ଓଡି ୦୨ ବିଏଲ–୬୬୨୮ ଯୋଗେ ବିପୁଳ ପରିମାଣର ଟଙ୍କା ଧରି ଯାଉଥିବା ପୋଲିସକୁ ସୂଚନା ମିଳିଥିଲା। ଫଳରେ ଘଟଣାର ତଦନ୍ତ ପାଇଁ ଦେବଗଡ ଏସ୍.ପି. ରାଜକିଶୋର ପାଇକରାୟ ବିଭାଗୀୟ ସ୍ୱତନ୍ତ୍ର ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର ସ୍କ୍ୱାଡ୍ ଉକ୍ତ କାର୍‌ଟିକୁ ଦେବଗଡ ଥାନା ଅନ୍ତର୍ଗତ ଭୁକାବେଡା ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଅଟକାଇ ଯାଞ୍ଚ କରିଥିଲେ। ତହିଁରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳିଥିଲା। ମାତ୍ର ଉକ୍ତ ଟଙ୍କା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସ ଉକ୍ତ ଟଙ୍କା ଜବତ କରିବା ସହ ସମ୍ପୃକ୍ତ ଶିକ୍ଷକ ପାତ୍ର ଓ କାରର ଚାଳକ ପ୍ରଶାନ୍ତ ସାହୁଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲା। ଶନିବାର ସକାଳେ କାର ଚାଳକ ସାହୁଙ୍କୁ ଛାଡି ଦେଇଥିବାବେଳେ ଶିକ୍ଷକ ପାତ୍ରଙ୍କୁ ବିଭିନ୍ନ ଦଫାରେ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।



ଗିରଫ ଶିକ୍ଷକ ସୁଭାଗ୍ୟ ପାତ୍ର।

## ମଙ୍ଗଳା, ରାଜେନ, ଜୁଏଲଙ୍କ ପ୍ରତିଷ୍ଠା, ସମ୍ମାନର ପ୍ରଶ୍ନ

ରାଜଗାଙ୍ଗପୁର,୧୯।୨(ଡିଏନଏ)

ରାଜଗାଙ୍ଗପୁର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନ ବିଜେଡି ପାଇଁ, ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ ରାଜନ ଏକ୍କା କଂଗ୍ରେସ ପାଇଁ, ଜୁଏଲ ଓରାମ ଓ ତାଙ୍କର ସହଯୋଗୀ ଭାଜପା ପାଇଁ ପ୍ରଚାର କରୁଛନ୍ତି। ପ୍ରତିଷ୍ଠା ଓ ସମ୍ମାନର ପ୍ରଶ୍ନ ହୋଇଥିବାରୁ ନିଜ ସ୍ତରରେ ରାଜଗାଙ୍ଗପୁର 'କ' ଓ 'ଖ' ଜୋନକୁ ନିଜ ସପକ୍ଷରେ ଆଣି ନିଜର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କଡା ଉଦ୍ୟମ ଜାରି ରଖିଛନ୍ତି। ମଙ୍ଗଳା ନିର୍ବାଚନ ରଣାଙ୍ଗନରେ ଦାୟିତ୍ୱ ନେଇ ଦେଖାଇ ଦେବାକୁ ଚାହାନ୍ତି ଯେ ସେ ଏ ଅଞ୍ଚଳର ବିଜେଡିର ଦକ୍ଷତା ସମ୍ପନ୍ନ ବ୍ୟକ୍ତି। ସେହିପରି ଡା. ସିଏସ ରାଜନ ଏକ୍କା ରହିଥିବାରୁ ଦୁଇଟି ଜୋନକୁ କଂଗ୍ରେସ ବିଜୟୀ କରାଇ ନିଜର ଆଧିପତ୍ୟ ଜାହିର କରିବା ପାଇଁ ଚେଷ୍ଟିତ ଅଛନ୍ତି। ଭାଜପା ଗତ ପଞ୍ଚାୟତ ନିର୍ବାଚନରେ ଖ ଜୋନ ଅକ୍ତିଆର କରିପାରିଥିଲା। ଏଥର ଜୁଏଲଙ୍କ ଉଦ୍ୟମ ଓ କରିଥିବା ଉନ୍ନୟନ କାର୍ଯ୍ୟ ଯୋଗୁ ଦୁଇଟିରେ ବିଜୟୀ ଆଶା ରଖିଛି।

# ଜିଲାପରିଷଦ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କଲେ ଦିଲ୍ଲୀପ ତିର୍କୀ

ସୁନ୍ଦରଗଡ,୧୯।୨(ଡି.ଏନ୍.ଏ)

ସୁନ୍ଦରଗଡ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୩ଟି ପର୍ଯ୍ୟାୟ ଭୋଟଗ୍ରହଣ ଶେଷ ହେବାକୁ ବସିଥିବା ବେଳେ ଆଉ ୨ଟି ପର୍ଯ୍ୟାୟରେ ଭୋଟଗ୍ରହଣ ହେବ। ଆସନ୍ତା ୨୨ ତାରିଖରେ ଲେଫ୍ରିପଡା, ହେମଗିର ଓ ଲହୁଣୀପଡା ବ୍ଲକର ୬ଟି ଜୋନ୍ ଏବଂ ୨୪ ତାରିଖରେ ସୁନ୍ଦରଗଡ ସଦର, ଟାଙ୍ଗରପାଲି ଓ ଗୁରୁଣ୍ଡିଆ ବ୍ଲକର ୬ଟି ଜୋନ୍ ପାଇଁ ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରାର୍ଥୀମାନଙ୍କର ପ୍ରଚାର କାର୍ଯ୍ୟ ମଧ୍ୟ ଜୋରଦାର ହୋଇଛି। ଦଳୀୟ ନେତାମାନେ ନିଜ ଦଳର ପ୍ରାର୍ଥୀମାନଙ୍କ ସପକ୍ଷରେ ବିଭିନ୍ନ ଗ୍ରାମାଞ୍ଚଳରେ ବୁଲି ପ୍ରଚାର ଚଳାଇଛନ୍ତି। ଶନିବାର ପୂର୍ବତନ ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ସୁନ୍ଦରଗଡ ସଦର ବ୍ଲକର ଜିଲାପରିଷଦ (ଖ) ଜୋନ୍ ର ବିଭିନ୍ନ ସ୍ଥାନରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ମାରାଥାନ୍ ପ୍ରଚାର କରିଛନ୍ତି। ସଦର ବ୍ଲକର ମଝାପଡା, ବିରବିରା, କୁତୁମୁରା, ସାଲେପାଲି, ଖଜୁରଝରଣ ମାନମୁଣ୍ଡା, କୁମୁଟିମୁଣ୍ଡା, ଲହଣ୍ଡାବୁଡ ଓ ଦୌଡାପଡା ଆଦି ଗ୍ରାମରେ ଅନୁଷ୍ଠିତ ନିର୍ବାଚନୀ ସଭା ଓ ର୍‍ୟାଲିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶକୁ ଆଗେଇ ନେବା ପାଇଁ ଜିଲା ପରିଷଦ ପ୍ରାର୍ଥୀନୀ ମଞ୍ଜୁଲତା ନାଏକଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ପୂର୍ବତନ ରାଜ୍ୟସଭା ସଦସ୍ୟ ତିର୍କୀଙ୍କ ସହ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ବିଜେଡି ନେତ୍ରୀ ସୁନୀତା ବିଶ୍ୱାଳ, ବରିଷ୍ଠ ନେତା ଅଶୋକ କୁମାର ସାଏ, ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସୁନୀଲ ମହାପାତ୍ର, ପୂର୍ବତନ କାଉନସିଲର ବୀଣାସାହୁଙ୍କ ସମେତ ଦଳୀୟ ନେତାମାନେ ଏହି ନିର୍ବାଚନୀ ସଭା ଓ ର୍‍ୟାଲିରେ ଯୋଗଦେଇ ଥିଲେ।



ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ନିର୍ବାଚନ ପ୍ରଚାର କରୁଛନ୍ତି।

## ଲୋକଙ୍କୁ ଠକିଥିବା ଫାଇନାନ୍ସ କମ୍ପାନୀ କର୍ମଚାରୀ ଗିରଫ

ବଡ଼ଗାଁ,୧୯।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଭାରତ ଫାଇନାନ୍ସ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀ ଲୋକଙ୍କଠାରୁ ଟଙ୍କା ନେଇ ଠକାମୀ କରିବା ଅଭିଯୋଗ କ୍ରମେ ବଡ଼ଗାଁ ଥାନା ପୋଲିସ ତଦନ୍ତକରି କୁଲାବିରା ଥାନା କୁଲିହାମାଲ ଗ୍ରାମର ଆଲୋକ କୁମାର ବାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ରେଙ୍ଗାଲମାଲ, ସିଆମାଲ, ବଡ଼ଗାଁ ଅଞ୍ଚଳରେ ଲୋକଙ୍କୁ ଠକି ୨ଲକ୍ଷ ୧୫ ହଜାର ୫୧୫ଟଙ୍କା ଆତ୍ମସାତ କରିଥିବା ନେଇ ଫାଇନାନ୍ସ କମ୍ପାନୀର କର୍ମଚାରୀ ଓ ଗ୍ରାହକମାନେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ପରେ ଆଲୋକଙ୍କୁ ଗିରଫ କରିଥିଲା।

## ଖେଳାଳିଙ୍କ ବିୟୋଗରେ ଶୋକ

ବଡ଼ଗାଁ,୧୯।୨(ଡି.ଏନ୍.ଏ.)

ବଡ଼ଗାଁ ବ୍ଲକ ଛମୁଣ୍ଡ ଗ୍ରାମର ସାମାଜିକ କର୍ମକର୍ତ୍ତା ତଥା କ୍ରିକେଟ ଖେଳାଳି ନାରାୟଣ ମାଝିଙ୍କ ବୁଧବାର ମଧ୍ୟାହ୍ନରେ ଦେହାନ୍ତ ଘଟିଛି। ତାଙ୍କ ଉଚ୍ଚ ରକ୍ତଚାପ ହେବାରୁ ପକ୍ଷାଘାତ ହୋଇଥିଲା। ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରି ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।


**ଜନ୍ମଦିନ ଶୁଭେଚ୍ଛା**



(ମାମୁନ୍)

ଆଦ୍ୟାଶା ମହାନ୍ତି
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ ।
ଧ–୨୩୨୦୩



**MISSING**



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.– 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି– 9438411083.
ଧ–୨୩୧୫୮






# କୋଇଡ଼ାରେ ୫୪ହଜାର ଭୋଟର ଦେବେ ଭୋଟ

ଟେନସା,୧୯।୨(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ରବିବାର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ୧୫ଟି ଗ୍ରାମପଞ୍ଚାୟତର ୧୮୩ ବୁଥରେ ମୋଟ ୨ ଜିଲା ପରିଷଦ, ୧୪ ସରପଞ୍ଚ, ୭୨ ୱାର୍ଡମେମ୍ବର ପାଇଁ ୫୪ ହଜାର୨ଶହ ୪୮ଜଣ ଭୋଟର ଦେବେ ମତଦାନ। କେବଳ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜାମୁଡି ଗ୍ରାମପଞ୍ଚାୟତ ରେ ନେଲସନ ମୁଣ୍ଡା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବାବେଳେ ୧୨ଟି ୱାର୍ଡରେ କେହି ୱାର୍ଡମେମ୍ବର ପାଇଁ ପ୍ରାର୍ଥିପତ୍ର ଦାଖଲ କରି ନ ଥିବାବେଳେ ୯୯ଜଣ ୱାର୍ଡମେମ୍ବର ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ସେହିପରି ୨ ଜିଲା ପରିଷଦ ପାଇଁ ୧୧ଜଣ ପ୍ରାର୍ଥୀ , ବାକି ୧୪ ଗ୍ରାମପଞ୍ଚାୟତକୁ ୧୪ ସରପଞ୍ଚ ପାଇଁ ୫୮ ଜଣ ପ୍ରାର୍ଥୀ,୧୪ ସମିତି ସଭ୍ୟ ଭାବେ ୪୭ ଜଣ ପ୍ରାର୍ଥୀ,ନିର୍ବାଚନ ଲଡିବେ। ସେହିପରି ୱାର୍ଡମେମ୍ବର ପ୍ରାର୍ଥୀ ଭାବେ ୧୨ଟି ୱାର୍ଡରେ କେହି ୱାର୍ଡମେମ୍ବର ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରି ନଥିବା ବେଳେ ୯୯ଜଣ ୱାର୍ଡମେମ୍ବର ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ବାକି ୭୨ ୱାର୍ଡମେମ୍ବର ପାଇଁ ୧୮୮ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନ ଲଢ଼ିବେ। କୋଇଡା ବ୍ଲକର ୧୮୩ ବୁଥରୁ ୫୮ଟି ବୁଥ ଅତି ସମ୍ବେଦନଶୀଳ ହୋଇ ଥିବାରୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।





# ତୃତୀୟ ପର୍ଯ୍ୟାୟ ଭୋଟ: ମତାଧିକାର ସାବ୍ୟସ୍ତ କରିବେ ୫୭,୮୧୯ ଭୋଟର

ଦେବଗଡ଼,୧୯।୨(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ତୃତୀୟ ପର୍ଯ୍ୟାୟରେ ଦେବଗଡ ଜିଲାର ତିଲେଇବଣି ବ୍ଲକରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ବାରକୋଟ ସ୍ଥିତ ନୋଡାଲ ସେଣ୍ଟରରୁ ସମସ୍ତ ପୋଲିଂ ପାର୍ଟିକୁ ସ୍ୱତନ୍ତ୍ର ଗାଡି ଯୋଗେ ତିଲେଇବଣି ବ୍ଲକର ବିଭିନ୍ନ ବୁଥକୁ ପଠାଯାଇଥିବା ବେଳେ ଇତିମଧ୍ୟରେ ସମସ୍ତ ପୋଲିଂ ପାର୍ଟି ଲକ୍ଷ୍ୟ ସ୍ଥଳରେ ପହଞ୍ଚି ସାରିଥିବା ଜଣାପଡିଛି। ଚଳିତ ନିର୍ବାଚନରେ ତିଲେଇବଣି ବ୍ଲକର ୨୨୮ ଗୋଟି ବୁଥରେ ମତଦାନ ହେବାକୁଥିବାବେଳେ ପ୍ରତ୍ୟେକ ବୁଥରେ ଜଣେ ଲେଖାଏଁ ପ୍ରିଜାଇଡିଙ୍ଗ ଅଫିସର, ଫାଷ୍ଟ ପୋଲିଂ ଅଫିସର, ସେକେଣ୍ଡ ପୋଲିଂ ଅଫିସର ଏବଂ ଜଣେ ଲେଖାଏଁ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ତିଲେଇବଣି ବ୍ଲକ ଜିଲା ପରିଷଦ ଜୋନ–୨ ଅନ୍ତର୍ଗତ ଅଶ୍ରୁରଖୋଳ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ସ୍ୱତନ୍ତ୍ର ପିଙ୍କ ବୁଥ କରାଯାଇଛି। ଉକ୍ତ ପିଙ୍କ ବୁଥରେ ଉଭୟ ମହିଳା ଓ ପୁରୁଷଙ୍କୁ ମିଶାଇ ମୋଟ ୪୨୭ ଭୋଟର ରହିଥିବା ସୂଚନା ମିଳିଛି। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଉକ୍ତ ବ୍ଲକର ୨୦ଟି ପଞ୍ଚାୟତରେ ୨୮ହଜାର ୬୫୧ ଜଣ ପୁରୁଷ ଓ ୨୯୧୬୮ ଜଣ ମହିଳା ଭୋଟରଙ୍କୁ ମିଶାଇ ମୋଟ ୫୭ ହଜାର ୮୧୯ ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ବ୍ଲକର ୧୯୬ଟି ସାଧାରଣ ବୁଥ ରହିଥିବାବେଳେ ୩୨ଟି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ସମ୍ବେଦନଶୀଳ ବୁଥରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।


**CLASSIFIED DISPLAY**
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ଲୋନ୍ ଲୋନ୍ ଲୋନ୍**
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ ।
9870683762

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପାଉଣା ପାଇ ନ ଥିବା ଅଭିଯୋଗ କଲେ ଶ୍ରମିକ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗ୍ରାମ ପଞ୍ଚାୟତ ମାଲପଡା ଗ୍ରାମର ଶ୍ରମିକମାନେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରି ୨ମାସ ହେଲା ପାଉଣା ପାଇ ନ ଥିବା ଶୁକ୍ରବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ମାଲପଡା ଗ୍ରାମର ଶ୍ରମିକମାନେ ଗତ ଡିସେମ୍ବର ମାସରେ ମାଲପଡା ଗାଁର କନ୍ଦାଡୁଙ୍ଗୁରୀ ଜଙ୍ଗଲଠାରେ ୧୨ଦିନ କାମ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଖପ୍ରାଖୋଲ ବିଡ଼ିଓ ରଶ୍ମି ରଞ୍ଜନ ରାଉତ ଙ୍କୁ ପଚାରିବାରେ ଘଟଣାର ତଦନ୍ତ କରି ଶ୍ରମିକମାନଙ୍କୁ ତୁରନ୍ତ ପାଉଣା ଦେବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ୨୭ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ବଲାଙ୍ଗୀର ଜିଲାରେ ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ**

■ ୨ ଲକ୍ଷ ୬୩ ହଜାର ୮୦୪ ଭୋଟର କରିବେ ମତଦାନ

**ବଲାଙ୍ଗୀର ଅଫିସ,୧୯।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ରବିବାର ଅନୁଷ୍ଠିତ ହେବ। ଜିଲାର କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ୍‌ର ୭ ଜିଲା ପରିଷଦ ଜୋନ୍, ୬୭ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ଓ ୭୭୦ଟି ୱାର୍ଡସଭ୍ୟ ପାଇଁ ଭୋଟ୍ ଗ୍ରହଣ କରାଯିବ। ସମୁଦାୟ ୨ ଲକ୍ଷ ୬୩ ହଜାର ୮୦୪ ଭୋଟର ୭୭୦ବୁଥ୍‌ରେ ମତଦାନ କରିବେ। ଭୋଟରମାନେ ୭ଟି ଜିଲା ପରିଷଦ ଜୋନ୍‌ର ୨୭ଟି ଜିଲା ପରିଷଦ ପ୍ରାର୍ଥୀ, ୬୭ଟି ଗ୍ରାମ ପଞ୍ଚାୟତର ୩୦୮ ସରପଞ୍ଚ ଓ ୩୧୭ ସମିତି ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ବଙ୍ଗୋମୁଣ୍ଡା ବ୍ଲକର ୨୨ ସମ୍ବେଦନଶୀଳ ଓ ୨୬ଟି ଅତି ସମ୍ବେଦନଶୀଳ, ମୁରିବାହାଲ ବ୍ଲକ୍‌ରେ ୨୦ ସମ୍ବେଦନଶୀଳ ଓ ୧୫ ଅତିସମ୍ବେଦନଶୀଳ ଏବଂ ତୁରେକେଲା ବ୍ଲକ୍‌ରେ ୭ ସମ୍ବେଦନଶୀଳ ଓ ୨୪ଟି ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଏବଂ ଅନ୍ୟାନ୍ୟ କର୍ମଚାରୀ କିଭଳି ସୁରକ୍ଷିତ ରହିବେ ସେନେଇ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

### ଚୂଡ଼ାନ୍ତ ପର୍ଯ୍ୟାୟରେ ମତଦାନ କରିବେ ୮୩୨୨୪ ମତଦାତା

**ଖଡିଆଳ,୧୯।୨ (ଡି.ଏନ.ଏ.):** ରବିବାର ଖଡିଆଳ ବ୍ଲକର ୩ଟି ଜିଲା ପରିଷଦ ଜୋନ ସମେତ ୨୬ଟି ସରପଞ୍ଚ/ସମିତି ସଭ୍ୟ ଏବଂ ୩୨୧ ଗୋଟି ୱାର୍ଡମେମ୍ବର ମଧ୍ୟରୁ ୧୬୧ ୱାର୍ଡ ସଭ୍ୟ ପାଇଁ ନିର୍ବାଚନ ହେବ। ୩୨୧ ଗୋଟି ବୁଥରେ ୮୩୨୨୪ ମତଦାତା ମତ ସାବ୍ୟସ୍ତ କରିବେ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନ ପରିଚାଳନା ଦାୟିତ୍ୱ ନିର୍ବାହ କରିବାକୁ ଥିବା କର୍ମଚାରୀ ଏବଂ ଅଧିକାରୀମାନେ ପ୍ରଥମେ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟରେ ସମାଗମ ହୋଇ ନିଜ ବୁଥ ଅଭିମୁଖେ ବାହାରିଥିଲେ। ନିର୍ବାଚନ ଯେପରି ଅବାଧ ଓ ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହ ହେବ ସେଥିପାଇଁ ଜିଲାପାଳ ସୁଧାଦେବ ସିଂ ଏବଂ ଏସ୍‌ପି ପ୍ରତ୍ୟୁଷ ଦିବାକର ହାଇସ୍କୁଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ତଦାରଖ କରିଥିଲେ। ମିଳିଥିବା ସୂଚନା ଅନୁସାରେ ଖଡିଆଳ ବ୍ଲକ ୩ ଗୋଟି ଜିଲା ପରିଷଦ ଜୋନରେ ପ୍ରତ୍ୟେକ ଜୋନ ତିନି ପ୍ରମୁଖ ଦଳ ପ୍ରାର୍ଥୀ ମଇଦାନରେ ଥିବାବେଳେ ୨୬ଟି ସରପଞ୍ଚ ପଦ ପାଇଁ ୧୧୭ ଜଣ ପ୍ରାର୍ଥୀ ଏବଂ ୨୬ ଗୋଟି ସମିତି ସଭ୍ୟରୁ କେବଳ ଲାଞ୍ଜି ପଞ୍ଚାୟତରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ ୨୫ଟି ପଞ୍ଚାୟତର ସମିତି ସଭ୍ୟ ପଦ ପାଇଁ ୯୬ଜଣ ପ୍ରାର୍ଥୀ ଭାଗ୍ୟ ନିର୍ଦ୍ଧାରଣ ହେବ। ସେହିପରି ୩୨୧ଟି ୱାର୍ଡ ମେମ୍ବର ପଦରୁ ୧୨୦ ଜଣ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ ୧୬୧ ୱାର୍ଡ ମେମ୍ବର ପଦ ପାଇଁ ନିର୍ବାଚନ ହେବ। ଏଥିରେ ୫୦୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ୩୨୧ଗୋଟି ବୁଥର ବ୍ୟବସ୍ଥା କରାଯାଇଥିବାବେଳେ ସେଥିମଧ୍ୟରୁ ୫୮ଟି ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି। ଏଥିସହ ୩୫୪ଟି ପୋଲିଂ ପାର୍ଟି କରାଯାଇଥିବା ବେଳେ ନିର୍ବାଚନ ପରିଚାଳନା ପାଇଁ ୧୦୬୨ ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି।

### ତେନ୍ତୁଳି ଗଛରୁ ଝରୁଛି କ୍ଷୀର



**ନୂଆପଡ଼ା ଅଫିସ୍,୧୯।୨:** ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତର କରଙ୍ଗାଭଟା ଗ୍ରାମରେ ଥିବା ଏକ ତେନ୍ତୁଳି ଗଛରୁ କ୍ଷୀର ଝରୁଛି। ଶନିବାର ଗାଁ ସ୍କୁଲକୁ ଛାତ୍ରୀଛାତ୍ର ପଢିବା ପାଇଁ ଯାଇଥିବା ସମୟରେ ସ୍କୁଲ ପାଖରେ ଥିବା ତେନ୍ତୁଳି ଗଛରୁ ଧଳାରଙ୍ଗର ପାଣି ବାହାରି ବୋହି ଯାଉଥିବା ଦେଖି ଲୋକଙ୍କୁ କହିଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ତେନ୍ତୁଳି ଗଛରୁ କ୍ଷୀର ଝରୁଥିବା ଦେଖିଥିଲେ। ଏହି ଖବର ପ୍ରଚାରିତ ହେଲା ପରେ ଦେଖିବା ପାଇଁ ଲୋକେ ଲମ୍ବା ଧାଡି ଲଗାଇଛନ୍ତି। ସେଠାରେ ଶିବ ଆବିର୍ଭାବ ହେଉଛନ୍ତି ଭାବି ପୂଜାର୍ଚ୍ଚନା ଚାଲିଛି। ନଡ଼ିଆ, ଅଗରବତି, ଟଙ୍କା ପଇସା ଚଢ଼ାଇ ମୁଣ୍ଡିଆ ମାରୁଛନ୍ତି।

# ଭୀମଡୁଙ୍ଗୁରିରେ ଖୁବ୍‌ଶୀଘ୍ର ନୌବିହାର

**ବଲାଙ୍ଗୀର ଅଫିସ, ୧୯।୨**

ବଲାଙ୍ଗୀର ଜିଲାର ପ୍ରମୁଖ ଇକୋ-ଟୁରିଜମ୍ ସେଣ୍ଟରଭାବେ ଖ୍ୟାତ ଭୀମଡୁଙ୍ଗୁରି ପର୍ଯ୍ୟଟନ ପୀଠରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ନୌ-ବିହାର ବା ବୋଟିଂ ସୁବିଧା। ବଲାଙ୍ଗୀର ବନଖଣ୍ଡ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଆଗାମୀ କିଛି ସପ୍ତାହ ମଧ୍ୟରେ ଭୀମଡୁଙ୍ଗୁରିରେ ବୋଟିଂ ସୁବିଧା ଉପଲବ୍ଧ ହେବ। ବନବିଭାଗ ପକ୍ଷରୁ ଚାଲିଥିବା ଏହି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ପାଇଁ ବଲାଙ୍ଗୀର ଡିଏଫ୍‌ଓ ନିତିଶ କୁମାର ଶୁକ୍ରବାର ଭୀମଡୁଙ୍ଗୁରି ପରିଦର୍ଶନରେ ଯାଇଥିଲେ। ଭୀମଡୁଙ୍ଗୁରି ପାଦଦେଶରେ ଥିବା ଭୀମକଟା(ଏମ୍‌ଆଇପି)ଠାରେ ଫ୍ଲୋଟିଂ ଜେଟି ନିର୍ମାଣ ହୋଇସାରିଛି। ଏହିଠାରୁ ହିଁ ପର୍ଯ୍ୟଟକମାନେ ନୌକାରେ ବସି ନୌବିହାର କରିପାରିବେ। ଭୀମଡୁଙ୍ଗୁରି ପର୍ଯ୍ୟଟନ ପୀଠରେ ଏଭଳି ନୌବିହାର ବ୍ୟବସ୍ଥାକୁ ଜିଲାର ପ୍ରଥମ ନୌବିହାର ବୋଲି କୁହାଯାଇଛି। ଏଠାରେ ନୌବିହାର ସୁବିଧା ସହ ପାହାଡ ଉପର ବିଭିନ୍ନ ଗୁମ୍ଫାକୁ ଷ୍ଟିଲ ରେଲିଂଗାର୍ଡ ସହ ପାହାଚ ନିର୍ମାଣ, ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳ ସୁବିଧା, ଟ୍ରାନ୍ସଫରମର ବ୍ୟବସ୍ଥା, ଦର୍ଶକ ଆଶ୍ରୟସ୍ଥଳ କାମ ଚାଲୁ ରହିଥିବା ସୂଚନା ଦିଆଯାଇଛି। ଅନୁମୋଦିତ ଆକ୍ସନ ପ୍ଲାନ୍ ମୁତାବକ ଉନ୍ନୟନ କାର୍ଯ୍ୟ କରାଯାଉଥିବା ସୂଚନା ଦିଆଯାଇଛି। ଆଗକୁ ଏହି ପର୍ଯ୍ୟଟନ ପୀଠ ଅଞ୍ଚଳରେ ଆକ୍ସନ ପ୍ଲାନ୍ ଅନୁଯାୟୀ ଶିଶୁ ଉଦ୍ୟାନର ଉନ୍ନତିକରଣ, ଅନ୍ୟାନ୍ୟ ପର୍ଯ୍ୟଟନ ସୁବିଧା, ପିକ୍‌ନିକ୍ ସ୍ପଟର ଉନ୍ନତି, କୁଟୀର ନିର୍ମାଣ କରାଯିବ ବୋଲି କୁହାଯାଇଛି। ଏସବୁ ଯୋଜନା କାର୍ଯ୍ୟକାରୀ ହେଲାପରେ ଏଠାରେ ଦର୍ଶକଙ୍କ ସଂଖ୍ୟାରେ ଢ଼େର ବୃଦ୍ଧି ହେବା ଆଶା କରାଯାଇଛି।

ଭୀମଡୁଙ୍ଗୁରି ଜିଲାର ଏକ ଅନ୍ୟତମ ପର୍ଯ୍ୟଟନ ପୀଠ ଭାବେ ମାନ୍ୟତା ପାଇଛି। ଏଠାରେ ୬୩ଟି ପ୍ରାଚୀନ ପ୍ରାକୃତିକ ପ୍ରସ୍ତର ଗୁମ୍ଫା ରହିଛି। ଏହା ବ୍ୟତୀତ ଏଠାରେ ପ୍ରାକ୍-ଐତିହାସିକ ଯୁଗର ଅନେକ କିମ୍ବଦନ୍ତୀ ଓ ସ୍ମାରକୀ ରହିଛି। ଗୋଟିଏ ପାହାଡରେ ୬୩ଟି ପ୍ରାକୃତିକ ଗୁମ୍ଫା ରହିଥିବାରୁ ଏହା ସମଗ୍ର ଭାରତବର୍ଷର ଏକ ବିରଳ ପର୍ଯ୍ୟଟନ ପୀଠଭାବେ ଗଣା ହେଉଛି। ତେବେ ଏହି ପର୍ଯ୍ୟଟନ ପୀଠ ଉପରେ ଅନେକ ଗବେଷଣାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏହି ପୀଠକୁ ଜିଲାର ଏକମାତ୍ର ଇକୋ-ଟୁରିଜମ ସାଇଟ୍ ଭାବେ ମାନ୍ୟତା ଦେବା ପରେ ଏଠାରେ ଏବେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଡିଏଫ୍‌ଓ କୁମାର କହିଛନ୍ତି ଯେ, ଆଉ ମାତ୍ର କିଛି ସପ୍ତାହ ମଧ୍ୟରେ ଏଠାରେ ନୌବିହାର ବ୍ୟବସ୍ଥା ଉପଲବ୍ଧ ହେବ। ଭୀମଡୁଙ୍ଗୁରୀ ପୀଠରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ବନବିଭାଗ ରେଞ୍ଜର ଏବଂ ଷ୍ଟାଫ୍‌ଙ୍କ ନେତୃତ୍ୱରେ ସମ୍ପାଦିତ ହେଉଛି।

**ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବଲାଙ୍ଗୀର ଡିଏଫ୍‌ଓ**




ଭୀମଡୁଙ୍ଗୁରି ପର୍ଯ୍ୟଟନ ପୀଠରେ ନୌବିହାର ପାଇଁ ଲଗାଯାଇଥିବା ଫ୍ଲୋଟିଂ ଜେଟିକୁ ଡିଏଫ୍‌ଓ ତଦାରଖ କରୁଛନ୍ତି।

## କାର୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ

**ଖଡ଼ିଆଳ,୧୯।୨(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡିଆଳ ପୋଲିସ ଗତ ୧୬ ତାରିଖ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ସମୟରେ ଗୋଟିଏ କାର ସହ ୭୪ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ଉତ୍ତର ପ୍ରଦେଶ ବଲିଆ ଜିଲା ଅଞ୍ଚଳର ସଞ୍ଜୟ କୁମାର ବୋଲି ଜଣାପଡିଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ ଗତ ୧୬ ତାରିଖ ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ଖଡିଆଳରୁ ବଙ୍ଗୋମୁଣ୍ଡା ୫୯ନଂ ଜାତୀୟ ରାଜପଥ ଜୁନାନୀ ଗାଁ ନିକଟରେ ଏକ କାରକୁ ଯାଞ୍ଚ କରିବା ପାଇଁ ଅଟକାଇବାବେଳେ ପୋଲିସ ଗାଡି ଦେଖି ପଳାଇବାକୁ ଚେଷ୍ଟା କରିଥିଲା। ତେବେ ପୋଲିସ ଗାଡି ପିଛା କରି ପାଖାପାଖି ୪ କିଲୋମିଟର ଗଲା ପରେ ଗାଡି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହି ସମୟରେ ଜଣେ ଫେରାର୍ ହେବାରେ ସକ୍ଷମ ହୋଇଥିବାବେଳେ ସଞ୍ଜୟ କୁମାରଙ୍କୁ ପୋଲିସ କାବୁ କରିଥିବା ଏସଡିପିଓ ସନ୍ତକ ଜେନା ପ୍ରକାଶ କରିଛନ୍ତି।

## ଲୁଥୁରବନ୍ଧ, ଚିଚର୍ଲା, କେସିଙ୍ଗା ବିଜୟୀ

**ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା**

**କେସିଙ୍ଗା,୧୯।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ମିନି ଷ୍ଟାଡିୟମଠାରେ ଶନିବାର ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ପଣ୍ଡରା ସମାଜ କଳାହାଣ୍ଡି ସଭାପତି ଦୟାସାଗର ସାହା, ସମ୍ପାଦକ ପୁରନ୍ଦର ଭୋଇ, ପୂର୍ବତନ ସଭାପତି ହଳଧର ସାହା ଏବଂ ଶରତ ଚନ୍ଦ୍ର ବିଶି ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ତିନୋଟି ମ୍ୟାଚ ଖେଳାଯାଇଥିଲା। ଲୁଥୁରବନ୍ଧ, ଚିଚର୍ଲା ଓ କେସିଙ୍ଗା ବିଜୟ ଲାଭ କରିଥିଲେ। ଆୟୋଜକ ପ୍ରଗତିଶୀଳ ପଣ୍ଡରା ଯୁବାମଞ୍ଚ କେସିଙ୍ଗାର ସଦସ୍ୟ ଜ୍ଞାନେନ୍ଦ୍ର ଭୋଇ, ନିରଞ୍ଜନ ଭୋଇ, ଦୟାସାଗର ସାହା, ସୁନିଲ ବିଶି, ଭୋଲା ବିଶି, ରାକେଶ ବିଶି, ପ୍ରବୀଣ, ପିଣ୍ଟୁ ପ୍ରମୁଖ ସହଯୋଗ କରିଥିଲେ । ଜ୍ୟୋତି ଭାଇ ଧାରା ବିବରଣୀ ପ୍ରଦାନ କରିଥିଲେ।

## ମତଦାନରେ ଅନିୟମିତତା ନେଇ ଜିଲାପାଳଙ୍କୁ ଫେରାଦ

**ଲୋଇସିଂହା,୧୯।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ କୁଶମେଲ ଗ୍ରାମର ବୁଥ୍ ନଂ ୪ରେ ମତଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସମିତି ସଭ୍ୟ ପ୍ରାର୍ଥୀ ଟଙ୍କଧର ପଧାନ ଏ ନେଇ ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଚଳିତ ଥର ଏଠାରୁ ୬ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କୁଶମେଲ ୪ ନଂ ବୁଥରେ ମତଦାନ ବେଳେ ଜଣେ ଭୋଟର ସିମିତି ସଭ୍ୟର ୪ଟି ବାଲଟ ପେପର ଭୋଟ ବାକ୍ସରେ ପକାଇଥିଲେ। ଏପରିକି ୱାର୍ଡସଭ୍ୟ,ସରପଞ୍ଚ ଓ ଜିଲା ପରିଷଦ ପ୍ରାର୍ଥୀଙ୍କ ବାଲଟା ପପେର ବୁଥ ବାହାରକୁ ଧରି ଆସୁଥିଲେ । ଏତିକି ବେଳେ ବୁଥ ଏଜେଣ୍ଟ ସମ୍ପୃକ୍ତ ଭୋଟରଙ୍କୁ କାବୁ କରି ପୋଲିଂ ଡ୍ୟୁଟିରେ ଥିବା ପ୍ରିଇଜାଇଡିଂ ଅଫିସର ଓ ପୋଲିସ ଜିମା ଦେଇଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ନେଇ ଯାଇଥିଲ । ହେଲେ ଶନିବାର ତାଙ୍କୁ ଛାଡି ଦେଇଥିବା ନେଇ ସମିତି ସଭ୍ୟ ପ୍ରାର୍ଥୀ ପଧାନ ଅଭିଯୋଗ କରିଛନ୍ତି। ଜଣେ ଭୋଟରଙ୍କୁ ୱାର୍ଡସଭ୍ୟ, ସମିତି, ସରପଞ୍ଚ ଓ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ମତଦାନ କରିବାକୁ ଗୋଟିଏ ଲେଖାଏ ବାଲଟ ପେପର ଦିଆଯାଉଥିବା ସ୍ଥଳେ ସମ୍ପୃକ୍ତ ଯୁବକ ଜଣକ ବୁଥରେ କିପରି ଭାବେ ସମିତି ସଭ୍ୟଙ୍କ ପାଇଁ ଉଦ୍ଦିଷ୍ଟ ୪ଟି ବାଲଟ ପେପର ପାଇଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଅନ୍ୟବୁଥ୍‌ରେ ମଧ୍ୟ ଏପରି ଅନିୟମିତତା ହୋଇଥିବା ନେଇ ସେ ଆଶଙ୍କା କରିଛନ୍ତି। ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

**କୁଶମେଲ ବୁଥ୍ ନଂ ୪**

# ନିର୍ବାଚନୀ ପ୍ରଚାର ଜୋରଦାର

**ନୂଆପଡ଼ା ଅଫିସ୍,୧୯।୨**

ନୂଆପଡ଼ା ଜିଲାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାବେଳେ ରବିବାର ତୃତୀୟ ପର୍ଯ୍ୟାୟ ମତଦାନ ହେବ। ଚତୁର୍ଥ ଓ ଶେଷ ପର୍ଯ୍ୟାୟ ପାଇଁ ପ୍ରଚାର କାର୍ଯ୍ୟ ସରଗରମ ହେବାରେ ଲାଗିଛି। ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ଅଙ୍କକଷା ଚାଲିଛି। ନିଜର ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଦଳୀୟ ନେତା କର୍ମୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ବେଳେ ଭୋଟରଙ୍କ ମନମୋହିବା ପାଇଁ ନାଚଗୀତ ମାଧ୍ୟମରେ ଗାଁଗାଁରେ ପ୍ରଚାର ଚାଲିଛି। ଗତ ୨୦୧୭ ନିର୍ବାଚନରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ୮ଟି ଜୋନ ମଧ୍ୟରୁ କଂଗ୍ରେସ ୫ଜୋନରେ ବିଜୟୀ ହୋଇଥିବାବେଳେ ୩ଟି ଜୋନରେ ବିଜେଡି ହାତରେ ଥିଲା। ଭାଜପା ଖାତା ଖୋଲି ପାରି ନ ଥିଲା। ୮ ଟି ଆସନ ନିଜ ଅକ୍ତିଆରକୁ ଆଣିବା ପାଇଁ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଙ୍ଗୁଆଳ ହୋଇ ଭୋଟର ପାଖକୁ ଯାଉଛନ୍ତି। ବିଜେଡି ସବୁ ଆସନ ହାତେଇବା ପାଇଁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ,ବିଜେଡି ଜିଲା ସଭାପତି ମନୋଜ ମିଶ୍ର, ଲମ୍ବୋଦର ନିଆଳ ହାଇଟେକ୍ ପ୍ରଚାର କରୁଛନ୍ତି। ଭାଜପା ଖାତା ଖୋଲିବା ପାଇଁ ପ୍ରାଣପଣେ ଚେଷ୍ଟାକରି ପୂର୍ବତନ ଖଡିଆଳ ବିଧାୟକ ହିତେଶ ବଗର୍ତି ନିର୍ବାଚନୀ ମଇଦାନରେ ସମର ସଜ୍ଜା କରୁଛନ୍ତି। ୩ ପ୍ରମୁଖ ଦଳ ମଧ୍ୟରେ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି। କାହା ମୁଣ୍ଡରେ ହାତି ସୁନା କଳସ ଢାଳୁଛି ଦେଖିବାକୁ ବାକିରହିଲା ।



ନେତା, କର୍ମୀ ପ୍ରଚାର କରୁଛନ୍ତି।

## କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର



କଂଗ୍ରେସ ପକ୍ଷରୁ ପ୍ରଚାର କରାଯାଉଛି।

**ଭବାନୀପାଟଣା,୧୯।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ୪ନଂ ଜୋନ୍ ଦାଦପୁର ପଞ୍ଚାୟତରେ ଶନିବାର କଂଗ୍ରେସର ମାରାଥନ୍ ପ୍ରଚାର ଦେଖିବାକୁ ମିଳିଛି। ସ୍ଥାନୀୟ ଜିଲା ପରିଷଦ ପାର୍ଥିନୀ ମାର୍ଜିନା ପ୍ରଧାନଙ୍କ ପାଇଁ ଜିଲା ଯୁବ ଉପସଭାନେତ୍ରୀ ମନ୍ଦାକିନୀ ବାଣୁଆ, ଜିଲା ଛାତ୍ର କଂଗ୍ରେସର ସଭାପତି ସୁଶାନ୍ତ ପ୍ରଧାନୀ, ଯୁବନେତା ନୂତନ ଗୋକାରିଆ, ସ୍ଥାନୀୟ ଛାତ୍ର କଂଗ୍ରେସ ବ୍ଲକ ସଭାପତି ଚନ୍ଦନ ଶିଖା ପ୍ରମୁଖ ଘରକୁ ଘର ଯାଇ ପ୍ରଚାର କରିଛନ୍ତି। ଏହି ସମୟରେ ସେମାନେ ମହାଲିଙ୍ଗ ସ୍କୁଲ ଅଧ୍ୟକ୍ଷା ମମିତା ହତ୍ୟା ଘଟଣା, ଧାନର ଅଭାବୀ ବିକ୍ରି ଓ ଅହେତୁକ ଦରଦାମ ବୃଦ୍ଧି ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସେହିପରି ନିଜ ହକ୍‌ର ଲଢେଇ ସହ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନ ନିମନ୍ତେ କଂଗ୍ରେସକୁ ଭୋଟ ଦେବା ପାଇଁ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଥିଲେ। ଶନିବାର ଦାଦପୁର ପଞ୍ଚାୟତର ସାଲେପାଲି, ଝିକିମିକି, ଦେପୁର, ଜଲଦିପୁର, ସାଲେଭଟା ଆଦି ଗ୍ରାମରେ କଂଗ୍ରେସର ମାରାଥନ ପ୍ରଚାର ହୋଇଥିଲା।

# ୧୩ନଂ ଜୋନରେ ନରସିଂହଙ୍କ ମାରାଥନ ପ୍ରଚାର

**ଦେଓଗାଁ,୧୯।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୩ନଂ ଜୋନରେ ଶନିବାର କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀନୀ ମୁକ୍ତାଦେଇ ତାଣ୍ଡିଙ୍କ ପାଇଁ ବିଧାୟକ ନରସିଂହ ମିଶ୍ର ମାରାଥନ ପ୍ରଚାର କରିଛନ୍ତି। ସେ ପ୍ରଥମେ ଜୋନ ଅନ୍ତର୍ଗତ ଗାଇବାହାଲ ପଞ୍ଚାୟତର ରତନପୁର, ଅର୍ଡା, ଗାଇବାହାଲ, ଦେଓଗାଁ, କଛାରପାଲି, ଚନ୍ଦ୍ରପୁର, ଜମାଦାରପାଲି, ଜରାସିଂହା, ବରକାନୀ, ବଡଡୁଙ୍ଗୁରିପାଲି ଓ ସାଲେପାଲିରେ ରୋଡ ଶୋ କରଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତା ସମ୍ପର୍କରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିର୍ମମ ହତ୍ୟାର ଶିକାର ମମିତା ମେହେରଙ୍କ ପରିବାରକୁ ବିଜେଡି ସରକାର ନ୍ୟାୟ ଦେଇପାରି ନ ଥିବା କଥା ଦୋହରାଇଥିଲେ। ଏଥିପାଇଁ ସରକାରଙ୍କୁ ଗାଦିଚ୍ୟୁତ କରିବା ସହ କଂଗ୍ରେସ ଦଳ ସପକ୍ଷରେ ଭୋଟଦେବା ପାଇଁ ନିବେଦନ କରିଥିଲେ। ବରିଷ୍ଠ ନେତା ଯଜ୍ଞେଶ୍ୱର ବାବୁ ଯୋଗଦେଇ ଦଳ ପାଇଁ ଭୋଟଭିକ୍ଷା କରିଥିଲେ । ଜିଲା ପରିଷଦ ପ୍ରାର୍ଥିନୀ ମୁକ୍ତାଦେଇ ତାଣ୍ଡି, ସୁରୁଲାଲ ମଟାରୀ, ଜରାସିଂହା ଜମିଦାର ଦୁର୍ଗାପ୍ରାଦ ସିଂଦେଓ, ଯୁବନେତା ଅମିତ କୁମାର ତ୍ରିପାଠୀ, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ପ୍ରଦ୍ୟୁମ୍ନ ସାହୁ, ସମିର ସାହୁ, ମୟ ପ୍ରଧାନୀ, ମନବୋଧ ହରପାଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦେଓଗାଁରେ ଆମ ଆଦମୀ ପାର୍ଟିର ରାଜ୍ୟ ପ୍ରବକ୍ତା ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ ୧୩ନଂଜୋନ ଜିଲା ପରିଷଦ ପ୍ରାର୍ଥିନୀ ନୀରବତୀ ନନ୍ଦ ଓ ତାଙ୍କ ସମର୍ଥକମାନେ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ।



ନିର୍ବାଚନୀ ସଭାରେ ବିଧାୟକ ନରସିଂହ ମିଶ୍ର ଓ କଂଗ୍ରେସ ନେତୃବର୍ଗ।

## ୨୬୨ ବୁଥକୁ ଗଲେ ନିର୍ବାଚନ କର୍ମଚାରୀ

**କୋକସରା,୧୯।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ରବିବାର ତୃତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବ୍ଲକର ୨୨ ପଞ୍ଚାୟତରେ ୮୭ ହଜାର ୮୩୯ ଭୋଟର ରହିଛନ୍ତି। ୨୬୨ ବୁଥରେ ମତଦାନ ଅନୁଷ୍ଠିତ ହେବ। ୨୨ ପଞ୍ଚାୟତରେ ୩ ଜିଲା ପରିଷଦ ଆସନ ପାଇଁ ୧୨ଜଣ ଦଳୀୟ ପ୍ରାର୍ଥୀ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ସେହିପରି ସମିତି ସଭ୍ୟ ଭାବେ ୯୬ ଜଣ, ସରପଞ୍ଚ ପାଇଁ ୧୨୩ ଓ ୱାର୍ଡ ମେମ୍ବର ପାଇଁ ୨୮୩ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ମୋଟ ୫୧୫ ଜଣ ପ୍ରାର୍ଥୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୬୨ ବୁଥରୁ ୫ ବୁଥ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ପିଙ୍କ ବୁଥ ଭାବେ କୋକସରା ପଞ୍ଚାୟତର ୫ ଓ ୭ ନମ୍ବର ୱାର୍ଡ ରହିଥିବା ବେଳେ ଏହି ବୁଥରେ ମହିଳା କର୍ମଚାରୀମାନେ ନିର୍ବାଚନ ପରିଚାଳନା କରିବେ। ଶନିବାର ବ୍ଲକର ୨୨ ପଞ୍ଚାୟତର ୨୬୨ ପୋଲିଂ ବୁଥ ପାଇଁ ନିୟୋଜିତ କର୍ମଚାରୀଙ୍କୁ ପଠାଯାଇଛି। ଏହି କର୍ମଚାରୀଙ୍କୁ ନିର୍ବାଚନରେ ଆବଶ୍ୟକ ସମସ୍ତ ସାମଗ୍ରୀ ଦିଆଯାଇ ବୁଥକୁ ପଠାଯାଇଥିବା କୋକସରା ବିଡ଼ିଓ ତଥା ନିର୍ବାଚନ ଅଧିକାରୀ ମନୀଷା ଦାସ ସୂଚନା ଦେଇଛନ୍ତି ।

# ୬ନଂ ଜିଲା ପରିଷଦ ଜୋନରେ ତ୍ରିମୁଖୀ ଲଢ଼େଇ

**ଗୁଡଭେଲା,୧୯।୨(ଡି.ଏନ.ଏ.)**

**ଗୁଡ଼ଭେଲା ବ୍ଲକ**

ବଲାଙ୍ଗୀର ଜିଲା ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ଅଧୀନ ଗୁଡ଼ଭେଲା ବ୍ଲକର ୬ ନମ୍ବର ଜୋନ ବୀରାମୁଣ୍ଡା, ଘୁନା, ଗୁଡ଼ଭେଲା, ଜାମୁଟ, ମାଢ଼େକେଲା, ତେନ୍ତୁଳିଖୁଣ୍ଟି, ଦେଉଳଗୁଡ଼ି ଓ ଗମ୍ଭାରୀଗୁଡ଼ା ପଞ୍ଚାୟତକୁ ନେଇ ଗଠିତ। ଏଠାରେ ମୋଟ ଭୋଟର ସଂଖ୍ୟା ୩୧୧୯୦। ଚଳିତଥର ଏହି ଆସନ ଅଣସଂରକ୍ଷିତ ରହିଛି। ଆସନ୍ତା ୨୨ତାରିଖରେ ଏଠାରେ ମତଦାନ ହେବ। ରବିବାର ପ୍ରଚାରର ଅନ୍ତିମ ଦିନ ଥିବାରୁ ସମସ୍ତ ରାଜନୈତିକ ଦଳ ଭୋଟରଙ୍କ ସମର୍ଥନ ପାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି।

ଚଳିତ ଥର ଏହି ଜୋନରୁ କଂଗ୍ରେସରୁ ଗଦିରାମ ସୁନା, ବିଜେଡ଼ିରୁ ନିବାସ ଅଗ୍ରୱାଲ ଓ ଭାଜପାରୁ ମୁରଲୀ ରଣା ନିର୍ବାଚନୀ ରଣାଙ୍ଗନାରେ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡ଼ି ପ୍ରାର୍ଥୀ ଅଗ୍ରୱାଲ ନବୀନ ସରକାରଙ୍କ ୨୧ବର୍ଷ ସରକାରର ସୁଶାସନକୁ ଆୟୁଧ କରି ଭୋଟରଙ୍କୁ ମନାଇବାକୁ ଚେଷ୍ଟା କରୁଛନ୍ତି। ଭାଜପା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଜନହିତକାର ଯୋଜନା ଗୁଡ଼ିକୁ ଉପସ୍ଥାପନା କରି ଭୋଟରଙ୍କ ପାଖକୁ ଯାଉଛନ୍ତି। କଂଗ୍ରେସ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇ ଦଳୀୟ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରୁଛନ୍ତି। ଭାଜପା ନେତା ମହେନ୍ଦ୍ର ଠାକୁର ପ୍ରଚାରର ମଙ୍ଗ ଧରିଛନ୍ତି। ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଇ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। କଂଗ୍ରେସ ତରଫରୁ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ଯୁବନେତା ସମରେନ୍ଦ୍ର ମିଶ୍ର ଏବଂ ଟିଟିଲାଗଡ଼ ବିଧାୟିକା ତଥା ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ପ୍ରଚାର ଚଳାଇଛନ୍ତି।

୨୦୧୭ରେ ଏହି ଜୋନରୁ ଭାଜପାର କଳ୍ପନା ପ୍ରଧାନ ବିଜୟୀ ହୋଇଥିଲେ। ୨୦୧୨ରେ ବିଜେଡିର ଅଶୋକ ଦୋରା, ୨୦୦୭ରେ କଂଗ୍ରେସର ଘନଶ୍ୟାମ ପ୍ରଧାନୀ, ୨୦୦୨ରେ ଭାଜପାର କମଳା ନନ୍ଦ ଏବଂ ୧୯୯୭ରେ ଜନତା ଦଳର ଅରୁଣ ପ୍ରଧାନ ବିଜୟୀ ହୋଇଥିଲେ। ଗତଥରର ପରାଜୟକୁ ବିଜେଡ଼ି ଚଳିତ ଥର ଚ୍ୟାଲେଞ୍ଜଭାବେ ଗ୍ରହଣ କରି ରଣନୀତି ପ୍ରସ୍ତୁତ କରିଛି। ସେହିପରି ଏଠାରୁ ପୁନଃ ବିଜୟ ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଅନୁରୂପଭାବେ ୨୦୦୭ର ବିଜୟକୁ ପୁଣି ଦୋହରାଇବା ପାଇଁ କଂଗ୍ରେସ ପ୍ରାର୍ଥୀ ଦିନରାତି ଏକ କରି ପ୍ରଚାର ଚଳାଇଛନ୍ତି।

**ହାରଜିତକୁ ନେଇ ଅଙ୍କକଷା**

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶୁକ୍ରବାର ସରିଛି। ବ୍ଲକର ୩୩ ନଂ ଜୋନର ଭୋଟ ଗଣତି ଆସନ୍ତା ୨୬ ଓ ୩୪ନଂ ଜୋନର ଗଣତି ୨୭ ତାରିଖରେ ରହିଛି। ନିର୍ବାଚନ ସରିବା ପରେ ଏବେ ପ୍ରାର୍ଥୀମାନେ ତାଙ୍କ ସମର୍ଥକଙ୍କୁ ନେଇ ହାରଜିତକୁ ନେଇ ଅଙ୍କକଷା ଆରମ୍ଭ କରି ଦେଇଛନ୍ତି। ଅପରପକ୍ଷେ ଅଣସଂରକ୍ଷିତ ଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତେଇବା ପାଇଁ ଗୋଟିଚାଳନ ଆରମ୍ଭ ହୋଇଯାଇଛି। ଫଳାଫଳ ନ ବାହାରିବା ପୂର୍ବରୁ ଅଧ୍ୟକ୍ଷ ଆଶାୟୀମାନେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଏବଂ ଭଲ ପ୍ରଦର୍ଶନ ଆଶାଥିବା ପ୍ରାର୍ଥୀଙ୍କୁ ନିର୍ବାଚନ ରାତିରେ ନେଇ ଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ସଂକ୍ଷେପରେ

### ବ୍ୟାଙ୍କରୁ ଲୁଟ୍ ଉଦ୍ୟମ, ଅଭିଯୁକ୍ତ ଅଟକ

**ବରଗଡ଼ ଅଫିସ୍,୧୯।୨:** ବରଗଡ଼ ଜିଲା ଅତାବିରା ଷ୍ଟେଟ୍ ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ବେଳେ ଶନିବାର ଜଣେ ଯୁବକ ଧରାପଡ଼ିଛନ୍ତି। ଧରାପଡ଼ିଥିବା ଯୁବକ ନିଜକୁ କଲିକତାର ଶ୍ୟାମ ବୋଲି ପୋଲିସକୁ ପରିଚୟ ଦେଇଛନ୍ତି। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚୁରା କରୁଛି। ସୂଚନା ଅନୁଯାୟୀ, ଅତାବିରା ଷ୍ଟେଟ ବ୍ୟାଙ୍କ ସମ୍ମୁଖସ୍ଥ ଏଟିଏମ୍ ଅଚଳ ଥିବାରୁ ବିଭାଗୀୟ କର୍ମଚାରୀମାନେ ଶନିବାର ସେଠାକୁ ଯାଇଥିଲେ। ଏହି ସମୟରେ କର୍ମଚାରୀଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଯୁବକ ଜଣକ ବ୍ୟାଙ୍କର କାଉଣ୍ଟର ନଂ-୧ରେ ପଶିଥିଲେ ଏବଂ ସେଠାରୁ ୫୧ହଜାର ୫୦୦ ଟଙ୍କା ଧରି ଫେରାର୍ ହେବାକୁ ଉଦ୍ୟମ କରୁଥିଲେ। ସେଠାରେ ଉପସ୍ଥିତ ଅନ୍ୟ ବ୍ୟାଙ୍କ କର୍ମଚାରୀ ତାହା ଦେଖି ଉକ୍ତ ଯୁବକଙ୍କୁ ପିଛା କରି ସ୍ଥାନୀୟ ଲୋକଙ୍କ ସହାୟତାରେ କାବୁ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ଅଧିକ ପଚରାଉଚୁରା କରୁଛି।

### ହତ୍ୟା ଅଭିଯୋଗରେ ଯୁବକ ଗିରଫ

**ଅତାବିରା/ସରଣ୍ଡା,୧୯।୨:** ହତ୍ୟା ଅଭିଯୋଗରେ ବରଗଡ଼ ଜିଲା ଅତାବିରା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲହଣ୍ଡା ସାଗରପଡ଼ାର ବିଶ୍ୱ ଓରଫ ବିଶ୍ୱନାଥ ମିର୍ଦ୍ଧା(୩୦)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୬୯/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ଗତ ୧୭ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ସାଗରପଡ଼ାର ଅଶ୍ୱିନୀ ମିର୍ଦ୍ଧା ଏବଂ ବିଶ୍ୱନାଥ ମିର୍ଦ୍ଧାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବିଶ୍ୱନାଥ ଅଶ୍ୱିନୀଙ୍କ ମୁଣ୍ଡକୁ କଂକ୍ରିଟ ରାସ୍ତା ଉପରେ ଛେଚି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଭିମସାର୍ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମୃତକଙ୍କ ସମ୍ପର୍କୀୟ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଯାଦବ ସମାଜ ବୈଠକ

**ଜାମଟିକ୍ରା,୧୯।୨(ଡି.ଏନ.ଏ):** ଅତାବିରା ବ୍ଲକ ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ଯାଦବ ସମାଜର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ସମାଜର ସଭାପତି ଅର୍ଜୁନ ଦୀପ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ବ୍ଲକର ୨୪ ପଞ୍ଚାୟତର ଯାଦବ ଭଉଣୀଭାଇ ଯୋଗଦେଇ ଯାଦବ ସମାଜର ସାମାଜିକ, ଅର୍ଥନୈତିକ, ରାଜନୈତିକ ଦିଗ ବିଷୟରେ ଆଲୋଚନା କରିଥିଲେ। ବ୍ଲକ ଯାଦବ ସମାଜର ସମ୍ପାଦକ ସୁରେନ୍ଦ୍ର କଠାର, ମହନ କଠାର, ସୁଦାମ କଠାର, ପୂର୍ଣ୍ଣଚନ୍ଦ୍ର ସାଲମା, ମାଲିକ ଭୋଇ, ସୁରେନ୍ଦ୍ର ପୋଢ, କୁଶାନ୍ତ ଖରସେଲ ପ୍ରମୁଖ ଉପସ୍ଥିତ ଥିଲେ।

# ୬୧୭ ପ୍ରାର୍ଥୀଙ୍କ ଭାଗ୍ୟ ହେବ ନିର୍ଦ୍ଧାରଣ

**ବୌଦ୍ଧ,୧୯।୨(ସ୍ୱ.ପ୍ର.)**

**ତୃତୀୟ ପର୍ଯ୍ୟାୟ ନିର୍ବାଚନ**

ବୌଦ୍ଧ ଜିଲାରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ୨୦ ତାରିଖରେ ହେବାକୁ ଯାଉଛି । ଏଥିରେ ବୌଦ୍ଧ ନିର୍ବାଚନମଣ୍ଡଳୀର ହରଭଙ୍ଗା ବ୍ଲକ ଅଧୀନସ୍ଥ ତିନୋଟି ଜୋନରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ପ୍ରଥମ ଦୁଇଟି ପର୍ଯ୍ୟାୟରେ ବିଜେଡି ଓ ଭାଜପା ମଧ୍ୟରେ ଛକାପଞ୍ଝାରେ ନିର୍ବାଚନ ହୋଇଥିଲା । ଉଭୟ ଦଳ ବିଭିନ୍ନ ଆସନରେ ବିଜୟୀ ହେବା ନେଇ ଦାବି ରଖୁଥିବା ବେଳେ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ତିନୋଟି ଆସନକୁ ବିଜେଡି କ୍ଲିନ ସୁଇପ ଲକ୍ଷ୍ୟରେ ରହିଛି। ଗତଥର ଅଧିକ ଆତ୍ମବିଶ୍ୱାସ ଯୋଗୁ ୭ ନମ୍ବର ଜୋନରେ ବିଜେଡି ପ୍ରାର୍ଥୀ ପରାଜିତ ହେବା ପରେ ଏଥର ଦଳ ଏଠାରୁ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ଭାଜପା ଏଠାରୁ ଚାଷୀ ନେତା ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କୁ ପ୍ରାର୍ଥୀ କରାଇ ଦଳ ପାଇଁ ସମ୍ମାନର ଲଢେଇ ଭାବରେ ମଇଦାନକୁ ଓହ୍ଲାଇଛି। ସେହିପରି କଂଗ୍ରେସ ଏଠାରୁ ମଥୁରା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ରୋହିତାଶ୍ୱ ବେହେରାଙ୍କୁ ପ୍ରାର୍ଥୀ କରିଛି। ତିନିଦଳ ମଧ୍ୟରେ ଏହି ଆସନ ପାଇଁ ବଳ କଷାକଷି ହେବା ସହିତ ଭୋଟରଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରହିଛି। ଏହାବ୍ୟତୀତ ୮ ଓ ୯ ନମ୍ବର ଜୋନରେ ବିଜେଡି ଓ ଭାଜପା ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ବିଜେଡି ଉଭୟ ଆସନ ବହୁ ଭୋଟରେ ଦଖଲ କରିବା ଲକ୍ଷ୍ୟରେ ରହିଛି।

ତୃତୀୟ ପର୍ଯ୍ୟାୟରେ ହରଭଙ୍ଗା ବ୍ଲକର ୬୧୭ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟର ନିର୍ଦ୍ଧାରଣ କରିବେ । ହରଭଙ୍ଗା ବ୍ଲକର ତିନି ଗୋଟି ଜିଲାପରିଷଦ ଜୋନ ସହିତ ୨୨ ଗୋଟି ସରପଞ୍ଚ ଓ ସମିତି ସଭ୍ୟ ଏବଂ ୩୦୦ ୱାର୍ଡ ପାଇଁ ମତଦାନ ହେବ। ଏଥିରେ ତିନିଗୋଟି ଜିଲା ପରିଷଦ ଜୋନ ପାଇଁ ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସରପଞ୍ଚ ପଦବୀ ପାଇଁ ୯୪ ଜଣ ସମିତି ସଭ୍ୟ ପାଇଁ ୭୬ଜଣ ଓ ୱାର୍ଡ ମେମ୍ବର ପାଇଁ ୪୩୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହରଭଙ୍ଗା ବ୍ଲକରେ ୧୨୬୮୩୪ ଜନସଂଖ୍ୟା ରହିଥିବା ବେଳେ ୧୦୮୬୦୦ ଭୋଟର ମତଦାନ କରିବେ। ଶାନ୍ତିଶୃଙ୍ଖଳାର ସହିତ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନିର୍ବାଚନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ୩୦୦ ଗୋଟି ମତଦାନ କେନ୍ଦ୍ର ପାଇଁ ୧୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୨୦ ଜଣ କର୍ମଚାରୀଙ୍କୁ ରିଜର୍ଭ ଭାବରେ ରଖାଯାଇଛି। ଏଥିସହିତ ପ୍ରତ୍ୟେକ ବୁଥ ପାଇଁ ଜଣେ ଲେଖାଏ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ୧୮ ତାରିଖ ସନ୍ଧ୍ୟା ସୁଦ୍ଧା ମତସଂଗ୍ରହ ପାଇଁ ନିୟୋଜିତ କର୍ମଚାରୀମାନେ ପୋଲିଂ ବୁଥ୍‌ଗୁଡିକରେ ପହଞ୍ଚି ସାରିଥିବା ବେଳେ ସକାଳ ୭ଟା ଠାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ମତଦାନ କରାଯିବ ବୋଲି ଜଣାପଡିଛି।

ଜିଲା ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରିଚାଳନା ପାଇଁ ୬ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିବା ବେଳେ ୩୫ ଜଣ ଏସଆଇ ଓ ଏଏସଆଇ ଏବଂ ୧୧ ଜଣ ଡିଏସପି ଓ ଇନ୍ସପେକ୍ଟର ର୍ୟାଙ୍କର ଅଧିକାରୀଙ୍କୁ ନିୟୋଜିତ କରାଯାଇଛି।

# ୨ଲକ୍ଷ ୬୦ହଜାର ଭୋଟର ବାଛିବେ ଉପଯୁକ୍ତ ପ୍ରାର୍ଥୀ

**ବରଗଡ଼ ଅଫିସ୍,୧୯।୨**

**ଆଜି ତୃତୀୟ ପର୍ଯ୍ୟାୟ ଭୋଟ୍**

ବରଗଡ଼ ଜିଲାରେ ରବିବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ହେବ। ଏହି ପର୍ଯ୍ୟାୟରେ ବରପାଲି, ବିଜେପୁର, ଭେଡ଼େନ ବ୍ଲକରେ ଭୋଟ ଗ୍ରହଣ କାର୍ଯ୍ୟକ୍ରମ ରହିଛି। ନିର୍ବାଚନ ବୈତରଣୀ ପାରି ହେବାକୁ ଉକ୍ତ ବ୍ଲକ ଗୁଡ଼ିକର ୱାର୍ଡସଭ୍ୟ, ସରପଞ୍ଚ, ସମିତିସଭ୍ୟଙ୍କଠାରୁ ଆରମ୍ଭ କରି ଜିଲା ପରିଷଦ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ଚାଲିଛି। ଏହି ପର୍ଯ୍ୟାୟରେ ୧୨୬୫ ୱାର୍ଡସଭ୍ୟ, ୩୦୦ ସରପଞ୍ଚ, ୨୨୧ ସମିତିସଭ୍ୟ ଏବଂ ୩୧ ଜିଲା ପରିଷଦ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେଉଛି। ଜିଲାର ୮୭୭ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ହେବ ଏବଂ ୨ଲକ୍ଷ ୬୦ହଜାର ୬୨୭ ଜଣ ମତଦାତା ମତାଧିକାର ସାବ୍ୟସ୍ତ କରି ଉପଯୁକ୍ତ ପ୍ରାର୍ଥୀ ବାଛିବେ।

ବରପାଲି ବ୍ଲକର ୨୩ଟି ପଞ୍ଚାୟତରେ ୩୯୧ ୱାର୍ଡସଭ୍ୟ, ୯୫ ସରପଞ୍ଚ, ୬୨ ସମିତିସଭ୍ୟ ଏବଂ ୧୧ ଜିଲା ପରିଷଦ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଉକ୍ତ ବ୍ଲକରେ ୨୯୨ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ସେଥିରୁ ୪୪ ସମ୍ବେଦନଶୀଳ, ୨ପିଙ୍କ୍ ଏବଂ ଗୋଟିଏ ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର ରହିଥିବାବେଳେ ୮୬ହଜାର ୪୪୬ ଭୋଟର ପ୍ରାର୍ଥୀ ଚୟନ କରିବେ। ସେହିପରି ବିଜେପୁର ବ୍ଲକର ୨୨ ପଞ୍ଚାୟତରେ ୪୩୨ ୱାର୍ଡସଭ୍ୟ, ୭୯ ସରପଞ୍ଚ, ୬୭ ସମିତିସଭ୍ୟ ଏବଂ ୧୧ ଜିଲା ପରିଷଦ ପ୍ରାର୍ଥୀ ରହିଛନ୍ତି। ଉକ୍ତ ବ୍ଲକରେ ୨୬୬ ଭୋଟ ଗ୍ରହଣ କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୪୦ ସମ୍ବେଦନଶୀଳ, ୨ ପିଙ୍କ୍ ଏବଂ ଗୋଟିଏ ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ୭୪ହଜାର ୩୦୧ ଭୋଟରଙ୍କ ଉପରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଭର କରୁଛି। ଭେଡ଼େନ ବ୍ଲକରେ ୨୧ ପଞ୍ଚାୟତ ରହିଛି। ଏଠାରେ ୯୯ହଜାର ଭୋଟର ରହିଛନ୍ତି। ୩୧୯ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାତା ମତାଧିକାର ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୪୭ ସମ୍ବେଦନଶୀଳ, ୨ପିଙ୍କ୍ ଏବଂ ଗୋଟିଏ ଆଦର୍ଶ ଭୋଟ୍ ଗ୍ରହଣ କେନ୍ଦ୍ର ରହିଛି। ଉକ୍ତ ବ୍ଲକରେ ୪୧୨ ୱାର୍ଡସଭ୍ୟ, ୧୨୬ ସରପଞ୍ଚ, ୯୨ ସମିତିସଭ୍ୟ ଏବଂ ୯ ଜିଲା ପରିଷଦ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ତେବେ କାହା ସପକ୍ଷରେ ମତଦାନ ଅଧିକ ଯିବ, ଭୋଟ ଗଣତି ପରେ ତାହା ସ୍ପଷ୍ଟ ହେବ।

# ଅଫ୍‌ଲାଇନ୍ ପରୀକ୍ଷାକୁ ଛାତ୍ରୀଛାତ୍ରଙ୍କ ବିରୋଧ

**ସୋନପୁର,୧୯।୨(ନି.ପ୍ର.)**

 କଲେଜ ଛାତ୍ରୀଛାତ୍ର ଅଫ ଲାଇନ୍‌ରେ ପରୀକ୍ଷା ଦେବେ। ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ସରକାରଙ୍କ ନିଷ୍ପତ୍ତିକୁ ଛାତ୍ରୀଛାତ୍ର ତୀବ୍ର ବିରୋଧ କରିଛନ୍ତି। ଶନିବାର ସୋନପୁର କଲେଜ ଓ ମଡେଲ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଆନ୍ଦୋଳନ କରିଥିଲେ। ସୋନପୁର ମଡେଲ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିବା ସହ ପ୍ଲାକାର୍ଡ ଧରି ଧାରଣାରେ ବସିଥିଲେ। ସେହିପରି ସୋନପୁର କଲେଜର ଛାତ୍ରୀଛାତ୍ରମାନେ ବିକ୍ଷୋଭ କରି ପ୍ରଦିବାଦ ଜଣାଇଥିଲେ। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, କୋଭିଡ୍ ପାଇଁ ସରକାର କଲେଜରେ ପାଠ ପଢାକୁ ବନ୍ଦ କରିଥିଲେ। କଟକଣା କୋହଳ ପରେ ନଭେମ୍ବର ମାସ ଶେଷ ସପ୍ତାହରେ ପାଠ ପଢା ଆରମ୍ଭ ହେଲା। ଜାନୁୟାରୀରେ ଲକ୍‌ଡାଉନ ଯୋଗୁଁ ଅନଲାଇନରେ ପାଠପଢା ହେଲା। ଅନଲାଇନରେ କେତେକ ପିଲା ଠିକ୍ ଭାବେ ପାଠ ପଢି ପାରି ନାହାନ୍ତି। ଅଧ୍ୟାପିକା ଅଧ୍ୟାପକମାନେ କୋର୍ସ ସାରି ନ ଥିବା ଅଭିଯୋଗ ହୋଇଛି। ୬ ମାସର କୋର୍ସକୁ ଛାତ୍ରୀଛାତ୍ର ୨ମାସରେ ପଢିଛନ୍ତି। ପୁଣି ୬ ସେମିଷ୍ଟାରକୁ ଆଉ ୨ ମାତ୍ର ମାସ ରହିଲା। ଏଭଳି ସ୍ଥିତିରେ ଛାତ୍ରୀଛାତ୍ର ଭବିଷ୍ୟତକୁ ନେଇ ଚିନ୍ତାରେ ଅଛନ୍ତି। ଅନଲାଇନ ମୋଡରେ ପରୀକ୍ଷା କରାଯାଉ, ନଚେତ୍ ୬ ସେମିଷ୍ଟାର ପଢିବା ପାଇଁ ସୁଯୋଗ ମିଳୁ ବୋଲି ସେମାନେ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରିଛନ୍ତି।


ସୋନପୁର ମଡେଲ ଡିଗ୍ରୀ କଲେଜ ଛାତ୍ରୀଛାତ୍ର ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

# କ୍ରିକେଟ: ଅମରପାଲି ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଅମରପାଲି ଦଳର ଖେଳାଳିମାନେ।

**ଅମରପାଲି,୧୯।୨(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିରେ ଚାଲିଥିବା ପ୍ରଥମ ଅମରପାଲି ଫ୍ଲଡଲାଇଟ କ୍ରିକେଟ କପ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୋଟସମଲାଇକୁ ହରାଇ ଅମରପାଲି ଚାମ୍ପିୟନ ହୋଇଛି। କୋଟସମଲାଇ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ଉଇକେଟ ହରାଇ ୪୦ରନ ସଂଗ୍ରହ କରିଥିଲା। ଜବାବରେ ଅମରପାଲି ୫.୧ଓଭର ରେ ୩ଉଇକେଟ ହରାଇ ୪୧ରନ କରି ବିଜୟୀ ହୋଇଥିଲା। ଦଳର ପୀତବାସ ଦେହେରି ୧୫ରନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ସେନା ଅଧିକାରୀ ଅନନ୍ତ ପ୍ରଧାନ ଓ କ୍ରୀଡାବିତ ଅମ୍ବିତ ପଧାନ ଅତିଥିଭାବେ ଯୋଗଦେଇ ପୀତବାସ ଦେହେରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଜୟ ପ୍ରକାସ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରିଥିଲେ। ଚାମ୍ପିୟନ ଅମରପାଲି ଦଳକୁ ନଗଦ ୫ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ କୋଟସମଲାଇ ଦଳକୁ ନଗଦ ୪ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

# ୨୩ରେ ଚଉଁରିଆପଦର ବୁଥ୍‌ରେ ସାନି ନିର୍ବାଚନ

**ବାଉଁଶୁଣୀ,୧୯।୨(ଡି.ଏନ.ଏ.)**

ଗତ ୧୮ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧ ବ୍ଲକ ରକ୍ସା ପଞ୍ଚାୟତ ଅନ୍ତର୍ଗତ ୧ ନମ୍ବର ୱାର୍ଡ ଚଉଁରିଆପଦର ବୁଥରେ ହୋଇଥିବା ନିର୍ବାଚନ ମୁକ୍ତ ଓ ଅବାଧ ହୋଇ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଫଳରେ ସେଠାରେ ସାନି ନିର୍ବାଚନ କରାଯିବାକୁ ରାଜ୍ୟ ନିର୍ବାଚନ କମିଶନର ପତ୍ର ସଂଖ୍ୟା ୩୩୫୭ ତା ୧୯।୦୨।୨୦୨୨ ରିଖରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଆସନ୍ତା ୨୩ ତାରିଖ ଦିନ ସକାଳ ୯ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ବୁଥରେ କଡା ସୁରକ୍ଷା ମଧ୍ୟରେ ସାନି ନିର୍ବାଚନ କରାଯିବ ବୋଲି ଜଣାପଡିଛି । ସଂପୃକ୍ତ ୱାର୍ଡର ବାସିନ୍ଦାମାନେ ଏହି ସାନି ନିର୍ବାଚନରେ ମତଦାନ କରି ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ନିବେଦନ କରାଯାଇଛି ।

# ଚୋରି ଅଭିଯୋଗ

**ବୌଦ୍ଧ,୧୯।୨(ସ୍ୱ.ପ୍ର.)**

ବୌଦ୍ଧ ସହରର ପୋଡାପଡାସ୍ଥିତ ମହମ୍ମଦ ନଜିମ ମୋଲ୍ଲାଙ୍କ ସୁନା ଦୋକାନରୁ ଶନିବାର ସନ୍ଧ୍ୟାରେ ସୁନା ଗହଣା ଚୋରି ହୋଇଯାଇଛି। ଏନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଗ୍ରାହକ ଦୋକାନକୁ ଆସି ଚୋରି କରିଥିବା ଦୋକାନର ସିସି ଟିଭି ଫୁଟେଜରୁ ଜାଣିବାକୁ ମିଳିଛି । ପୋଲିସ ନଂ ୬୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଜନ୍ମଦିନ ଶୁଭେଚ୍ଛା**



(ମାମୁନ୍)
ଆଦ୍ୟାଶା ମହାନ୍ତି
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ ।
ଧ-୨୩୨୦୩

**MISSING**



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.– 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି– 9438411083.
ଧ-୨୩୧୫୮

# ପୋଲିଂ ବୁଥ୍‌ରେ ଦସ୍ତଖତ ବଦଳରେ ଟିପଚିହ୍ନ ଦେବାକୁ ବିରୋଧ

**ବାଉଁଶୁଣୀ,୧୯।୨(ଡି.ଏନ.ଏ.):** ମତଦାନ କେନ୍ଦ୍ରରେ ଭୋଟଦାନ ପାଇଁ ଯାଉଥିବା ଭୋଟରମାନଙ୍କୁ ବାଲଟ ପେପର ପ୍ରଦାନ କରି ଦସ୍ତଖତ କରାଇବା ବେଳେ କେତେକ ସ୍ଥାନରେ ପ୍ରିଜାଇଡିଂ ଅଫିସର୍‌ମାନେ ବାଧ କରି ବୃଦ୍ଧାଙ୍ଗୁଳି ଟିପ ମରାଉଥିବା ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏକ ସାଧାରଣ ଦୃଶ୍ୟରେ ପରିଣତ ହୋଇଛି । ବିଭିନ୍ନ ବୁଥରେ ଏଭଳି ଧାରାକୁ ଶିକ୍ଷିତ ଓ ସ୍ୱାଭିମାନୀ ଭୋଟର ପ୍ରତିବାଦ କରିବା ଦେଖିବାକୁ ମିଳିଛି । ଶୁକ୍ରବାର ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ୱାର୍ଡ ନମ୍ବର ୨ର ଏକ ବୁଥରେ ଜଣେ ଭୋଟର ଭୋଟ ଦେବାକୁ ଯାଇଥିବା ସମୟରେ ଦସ୍ତଖତ ବଦଳରେ ଟିପ ଦେବା ପାଇଁ ପ୍ରିଜାଇଡିଂ ଅଫିସର ତାଙ୍କୁ କହିବାରୁ ସେ ଏହାର ପ୍ରତିବାଦ କରିଥିଲେ । ଦସ୍ତଖତ ଦେଲେ ଡେରି ହେବ ସେଥିପାଇଁ ଟିପ ଚିହ୍ନ ଦେବାକୁ ପଡିବ ବୋଲି ଉକ୍ତ ବୁଥ୍‌ର ପ୍ରିଜାଇଡିଂ ଅଫିସର ଦାୟିତ୍ୱରେ ଥିବା ମନମୁଣ୍ଡା ଅଞ୍ଚଳର ଜଣେ ବିଜ୍ଞାନ ଶିକ୍ଷକ କହିଥିଲେ। ଜଣେ ଶିକ୍ଷକଙ୍କ ମୁହଁରୁ ଏଭଳି କଥା ଶୁଣି ବୁଥ ମଧ୍ୟରେ ଥିବା ଅନ୍ୟ ଭୋଟରମାନେ ବିସ୍ମିତ ହୋଇଥିଲେ। ତେବେ ସମ୍ପୃକ୍ତ ଭୋଟର ଜଣକ ଏ ସମ୍ପର୍କରେ ଉପଜିଲାପାଳ ଓ ବୌଦ୍ଧ ବିଡିଓଙ୍କ ନିକଟରେ ଫୋନ ଯୋଗେ ଅଭିଯୋଗ କରିଥିବା ଜଣାପଡିଛି। ସରକାର ଲୋକଙ୍କୁ ଟିପ ଚିହ୍ନ ବଦଳରେ ସାକ୍ଷର କରାଇବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିବା ବେଳେ ପୋଲିଂ ପାର୍ଟି ଲୋକଙ୍କୁ ଟିପ ଦେବାକୁ ବାଧ କରିବା ଘଟଣା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

# ୨୬୨କେନ୍ଦ୍ରରେ ୬୧୫୭୫ ଭୋଟର

**ସୋନପୁର,୧୯।୨(ନି.ପ୍ର.)**

**ତରଭା ବ୍ଲକରେ ଭୋଟ ଗ୍ରହଣ ଆଜି**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ୨୦ତାରିଖ ରବିବାର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ୨୧ ପଞ୍ଚାୟତ ବିଶିଷ୍ଟ ତରଭା ବ୍ଲକରେ ଶାନ୍ତି ଶୃଙ୍ଖଳାର ସହିତ ଭୋଟ ଗ୍ରହଣ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ସନ୍ଧ୍ୟା ସୁଦ୍ଧା ପୋଲିଂ ପାର୍ଟି ସମସ୍ତ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ବ୍ଲକର ୬୧୫୭୫ ଭୋଟର ୨୬୨ଟି ଭୋଟ ଗ୍ରହଣ କେନ୍ଦ୍ରରେ ୮ ଜିଲା ପରିଷଦ ସଭ୍ୟାଙ୍କ ସହ ୫୧ ସରପଞ୍ଚ, ୬୩ ସମିତି ସଭ୍ୟ ଓ ୧୪୫ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ତରଭା ବ୍ଲକ ଅଧୀନ ୧ ନମ୍ବର ଜୋନରେ ରାଣୀସର୍ଡା, ମେଣ୍ଡା, ଦେଉଳପଦର, ପାଇକବାହାଲ, ଶିବତୁଲା, ପୁଆ, କଣ୍ଟାପାଲି, ଜରାଜାରିଙ୍ଗ, ଝାରତରଭା, ବଡଭଇଁରୋ ଓ ମରାଡୁଗୋଛା ଆଦି ୧୧ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୩୯। ଭୋଟର ସଂଖ୍ୟା ୩୨୧୦୩। ବ୍ଲକର ୨ ନମ୍ବର ଜିଲା ପରିଷଦ ଜୋନରେ ସରଗଜ, ଦୁବୁଲା, ତୁଲୁଣ୍ଡା, ବଘିଆ, ସିଂଘାରୀ, କମସରା, କୁମ୍ଭାରମୁଣ୍ଡା, ବ୍ରାହ୍ମଣୀ, ଚାରଭଟା ଓ ବାଲିଖମାର ଆଦି ୧୦ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୨୩। ଭୋଟର ସଂଖ୍ୟା ୨୯୪୭୨। ନିର୍ବାଚନ ପରିଚାଳନା ପାଇଁ ପୋଲିଂ ଦଳ ଓ ଭୋଟ ଗ୍ରହଣ ତଦାରଖ ସହ ଜରୁରୀକାଳୀନ ସହାୟତା ପାଇଁ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପୂର୍ବରୁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହା ସହିତ ମୋବାଇଲ ପୋଲିସ ଟିମ୍ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଟିମ୍‌ରେ ଜଣେ ସବ୍ ଇନ୍ସପେକ୍ଟରଙ୍କ ସହ ୩ ଜଣ ଓଏସଏଫ କିମ୍ବା ଏପିଆର ରଖାଯିବା ବ୍ୟବସ୍ଥା ରହିଛି। କୌଣସି କେନ୍ଦ୍ରରେ ବିଶୃଙ୍ଖଳା ହେଲେ ଏହି ଦଳ ତୁରନ୍ତ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।







**CLASSIFIED DISPLAY**
MORE SPACE • SAME PRICE
TARIFF — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ଲୋନ୍ ଲୋନ୍ ଲୋନ୍**
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର ୫୨୦ ଟଙ୍କାରେ ।
9870683762

**ALL EDITION - B/W (Everyday)**
for Booking Contact: 0674-2580385, 8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।